

ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୃଦ୍ଧ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### କପିକରି ଧରା ପଡିଲେ ୬

ରାୟଗଡା ଅଫିସ, ୨୪।୨: ମାଟ୍ରିକ ପରୀକ୍ଷାରେ କପି କରି ରାୟଗଡା ଜିଲାରେ ସୋମବାର ୬ ଜଣ ଛାତ୍ରୀଛାତ୍ର ଧରାପଡିଛନ୍ତିତ୍। ହାଟ ମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟରେ ୩, ଏସ୍ଆର୍ସିଏସ୍ ହାଇସ୍କୁଲରେ ଜଣେ, ହାଟ ଶେଷଖାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ , ଜେମାଦେଇପେଣ୍ଠ କଳିଙ୍ଗ ଉଚ୍ଚ ବିଦ୍ୟାଳୟରୁ ଜଣେ କପି କରି ଧରାପଡ଼ିଛନ୍ତି ।

### ଯବାନଙ୍କ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା ଅଫିସ ,୨୪।୨: ସିଆରପିଏଫ ୪ର୍ଥ ବାଟାଲିୟନର ଜଣେ ଯବାନ ନିଜ ଦେହରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ସେ ହେଲେ ବିଜୟ ପାଲ ସିଂ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ନିଜର ମାନସିକ ଅସ୍ଥିରତା ଯୋଗୁ ସେ ଏପରି କରିଥିବା ଜଣାଯାଇଛି ।

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା, ୩ ଗିରଫ

ରାୟଗଡ଼ା ଅଫିସ ,୨୪।୨: ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବାଲାପାଡୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଘାଷି ମିଣିଆକା ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବାବାରାଓ ମିଣିଆକା , ତାଙ୍କ ସମ୍ପର୍କୀୟ ଭଣଜା ମାସିହା ହିମିରିକା , ସମ୍ପର୍କୀୟ ଭାଇ କମଟି ମିଣିଆକା । ଉକ୍ତ ୩ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ । ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଉକ୍ତ ଗ୍ରାମର ଜଣେ ବୃଦ୍ଧ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଘାସି ଗୁଣି ଗାରେଡ଼ି କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ବୃଦ୍ଧଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ଏଥିରେ ପ୍ରତିଶୋଧ ପରାୟଣ ହୋଇ ବୃଦ୍ଧଙ୍କ ପୁଅ ଯୋଜନା କରିଥିଲେ । ଗତ ଶୁକ୍ରବାର ରାତିରେ ଜମିରେ କରିଥିବା କୁଡ଼ିଆରେ ଘାସି ଶୋଇଥିବା ବେଳେ ବାବାରାଓ,ମାସିହା ଓ କମିଟି ମିଶି ଲୁହା ରଡ଼ରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିଯୁକ୍ତ

ଗୁଣପୁର,୨୪।୨(ଡି.ଏନ.ଏ): ରାୟଗଡା ଜିଲା ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାବେ ଅନ୍ତର୍ଯାମୀ କହଁରଙ୍କୁ ନିଯୁକ୍ତି ଦିଆଯାଇଛି । ସେ ଗଜପତି ଜିଲା ଆର ଉଦୟଗିରି ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଥିଲେ । ସେ ପଦୋନ୍ନତି ପାଇ ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ସ୍ଥାନରେ ଥିବା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତ ପଦୋନ୍ନତି ପାଇ ଗଜପତି ଜିଲା ଆଇଟିଡିଏକୁ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି ।

### ୨୪୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ରାୟଗଡ଼ା ଅଫିସ, ୨୪।୨: ରାୟଗଡ଼ା ସଦର ଥାନା ଅନ୍ତର୍ଗତ କୋଟଲାଗୁଡ଼ା ତାରିଣୀ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ଅଟୋରୁ ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏଥିସହ ମଦ ନେଇ ଯାଉଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେ ହେଲେ ଟିକିରିର କାଳିଆପଡ଼ାର ସୁଦର୍ଶନ ନାୟକ (୨୫) । ସେ ଏହି ମଦକୁ କୋଟଲାଗୁଡ଼ାରୁ ରାୟଗଡ଼ା ଅଭିମୁଖେ ନେଉଥିବା ଜଣାଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ସଦର ଅବକାରୀ ଥାନା ଅଧିକାରୀ ପାଟ୍ରୋଲିଂ କରୁଥିବା ସମୟରେ ସୁଦର୍ଶନ ଏକ ଅଟୋ (ନମ୍ବର ଓଡ଼ି -୧୮-ଏଫ-୮୧୧୦) ରେ ବେଆଇନ ଭାବେ ଦେଶୀ ରନ୍ଧା ମଦ ନେଉଥିବା ଦେଖି ତାଙ୍କୁ ଗିରଫ କରିଥିଲେ । ରାୟଗଡ଼ା ଅବକାରୀ ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ , ଅବକାରୀ ଏଏସ୍ଆଇ ତିରୁପତି ପଟ୍ଟନାୟକ ଏବଂ ନିମାଇଁ ଚରଣ ମିଶ୍ର , ଭବାନୀ ଶଙ୍କର ତ୍ରିପାଠୀ , ଘନଶ୍ୟାମ ବେହେରା , ଶୁସାନ୍ତ କୁମାର ପାତ୍ର ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥିଲେ ।

# ଟ୍ରାନ୍ସଫର୍ମର ପୋଡ଼ିଯିବାରୁ ଚାଷୀ ହୀନସ୍ତା

ନବରଙ୍ଗପୁର,୨୪।୨(ବି.ପ୍ର.)



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା କୁକୁଡି ସେମଳା ପଞ୍ଚାୟତବାସୀ ।

- ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ୧୦ଟି ଗାଁର ଚାଷୀ
- ବୋରୱେଲରୁ ପାଣି ଉଠାଇ ପାରୁ ନାହାନ୍ତି
- କୋଷାଗୁମୁଡା ବ୍ଲକର ୫ଟି ପଞ୍ଚାୟତରେ ଫସଲ ହାନୀ ଆଶଙ୍କା
- ଅଭିଯୋଗ ପ୍ରତି ବିଦ୍ୟୁତ ବିଭାଗର ନିଘା ନାହିଁ

ଟ୍ରାନ୍ସଫର୍ମର ପୋଡିଗଲା। ନୂତନ ଟ୍ରାନ୍ସଫର୍ମର ବସାଯାଉନି କି ପୋଡିଯାଇଥିବା ଟ୍ରାନ୍ସଫର୍ମର ମରାମତି କରାଯାଉ ନାହିଁ। ଫଳରେ ୫ଦିନ ହେବ ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇପାରୁ ନାହିଁ। ବିଦ୍ୟୁତ ନ ଥିବାରୁ ପାଣି ମୋଟର ଚାଲୁ ନାହିଁ। ଉପଭୋକ୍ତା ଓ ଚାଷୀ ଏଥିପାଇଁ କଳବଳ ହେଉଛନ୍ତି। ଚାଷୀ ଉଠାଜଳସେଚନ ଓ ବୋରୱେଲରୁ ପାଣି ଉଠାଇ ପାରୁ ନାହାନ୍ତି। ଏହାଦ୍ୱାରା ବିଭିନ୍ନ କିସମର ଚାଷ ଉଜୁଡିବାକୁ ବସିଛି। ମାଟ୍ରିକ ପରିକ୍ଷା ସମୟରେ ପିଲାମାନେ ପାଠ ପଢିବାରେ ସମସ୍ୟା ହେଉଛି । ଅନ୍ୟ ପକ୍ଷେ ମୋବାଇଲ ଗୁଡିକ ଚାର୍ଜ କରାଯାଇ ପାରୁ ନାହିଁ । ଏଭଳି ସମସ୍ୟା ମଧ୍ୟରେ ରହିଛନ୍ତି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକର ୫ଟି ପଞ୍ଚାୟତର ବାସିନ୍ଦା। ଏନେଇ ସାଉଥକୋ ନିର୍ବାହୀ ଯନ୍ତ୍ରୀଙ୍କୁ ଲିଖିତ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ କୁକୁଡି ସେମଳାର ଚାଷୀ ଓ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ସୋମବାର ଲିଖିତ ଅଭିଯୋଗ କରିଛନ୍ତି।

ନବରଙ୍ଗପୁର ଜିଲା କୋଷାଗୁମୁଡା ସବଷ୍ଟେସନରେ ତିନୋଟି ଟ୍ରାନ୍ସଫର୍ମର ରହିଛି । ସେଥିମଧ୍ୟରୁ ଗୋଟିଏ ଟ୍ରାନ୍ସଫର୍ମର ପୋଡିଯାଇଛି। ଫଳରେ ବ୍ଲକର ଚିର୍ମା, କୁକୁଡି ସେମଳା, ମଦେଗାଁ, କର୍ଣ୍ଣାମାଳ ପଞ୍ଚାୟତକୁ ୫ ଦିନ ହେବ ବିଦ୍ୟୁତ ବିଚ୍ଛିନ୍ନ ହୋଇ ରହିଛି।

ବଡମସିଗାଁ ନିକଟ ସବଷ୍ଟେସନରୁ ଏହସବୁ ପଞ୍ଚାୟତକୁ ବିଭାଗ ପକ୍ଷରୁ ବିଦ୍ୟୁତ ଯୋଗାଣ ହେଉଛି । ତେବେ ବଡ ମସିଗାଁ ନିକଟ ସବ ଷ୍ଟେସନ ପୂର୍ବରୁ ୫ଟି ପଞ୍ଚାୟତକୁ ବିଦ୍ୟୁତ ଯୋଗାଇ ଆସୁଥିଲା। ଏବେ ଉକ୍ତ ସବଷ୍ଟେସନରୁ ଆଉ ୫ ଟି ପଞ୍ଚାୟତକୁ ବିଦ୍ୟୁତ ଯୋଗାଣ ହେଉଛି। ତେବେ ମୋଟ ୧୦ଟି ପଞ୍ଚାୟତକୁ ବିଦ୍ୟୁତ ଯୋଗାଣ ଲାଗି ଏହା ଲୋଡ ନେଇ ପାରୁ ନାହିଁ । ଲୋଭୋଲଟେଜ ସହ ପ୍ରତି ୧୦/୧୫ ମିନିଟରେ ବିଦ୍ୟୁତ ବିଚ୍ଛିନ୍ନ ହୋଇ ଯାଉଛି । ଅନ୍ୟ ପକ୍ଷରେ ପୋଡିଯାଇଥିବା ଟ୍ରାନ୍ସଫର୍ମର ମରାମତି କରାଯାଉ ନାହିଁ କି ନୂଆ ଟ୍ରାନ୍ସଫର୍ମର ବସାଯାଉନାହିଁ । କୁକୁଡି ସେମଳା ପଞ୍ଚାୟତରେ ବିଦ୍ୟୁତ ସଂଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଯାଇଛି। ଲୋକେ ଡିବିରି ଓ ଲଣ୍ଠନ ଉପରେ ଭରଷା କରୁଛନ୍ତି। ପିଲାଙ୍କ ପାଠ ପଢାରେ ସମସ୍ୟା ଦେଖା ଦେଇଛି । ମୋବାଇଲ ଚାର୍ଜ କରି ପାରୁ ନଥିବାରୁ ଜରୁରୀକାଳୀନ ସମୟରେ କାହା ସହ ଯୋଗାଯୋଗ କରିପାରୁ ନାହାନ୍ତି। ବିଶେଷ ଭାବେ ଚାଷୀମାନେ ଖରାଦିନିଆ ଫସଲ ଆରମ୍ଭ କରିଛନ୍ତି । ଧାନ, ମକା, ଗହମ, ଆଖୁ, ପନିପରିବା, ମାଣ୍ଡିଆ, ପିଆଜ ଆଦି ଚାଷ କାର୍ଯ୍ୟ ଆରମ୍ଭ କରିଛନ୍ତି । କିନ୍ତୁ ପାଣି ଅଭାବ ଦେଖା ଦେଇଛି । ୬୦ଟି ବୋରୱେଲ ତଥା ଉଠା ଜଳସେଚନ ରେ ଲଗାଯାଇଥିବା ମୋଟର ବିଦ୍ୟୁତ ନ ଥିବା ଯୋଗୁ କାମ କରୁନି । ଚାଷୀ ଜମିରେ ପାଣି ମଡାଇ ପାରୁ ନାହାନ୍ତି।ଏହା ଦ୍ୱାରା ତଳି ସୁଖା ପଡିବା ସହ ମାଟି ଫାଟି ଆଁ କଲାଣି ବୋଲି ଚାଷୀ ଚନ୍ଦ୍ରଭାନୁ କାମିଡି, ଯୁଧିଷ୍ଠିର ଜେନା, ନିଲମ ଭତରା, ବେଳାର ସେନ ଚଲାଣ ଖଗପତି ଡେରା ପ୍ରମୁଖ କହିଛନ୍ତି। ସେମଳା, କୁକୁଡି ସେମଳା, ଲିମ୍ବଭଟ୍ଟା, କଂଟା ସାରୁଗୁଡା, ଆସଙ୍ଗା, ପୂଜାରିଗୁଡା, ଭାଣ୍ଡ୍ରୀ, ଝରଣଗୁଡା ଓ ଘାଟୁଆଲଗୁଡା ଗାଁ ସମସ୍ତ ଚାଷୀ ଚାଷ ଜମିକୁ ପାଣି ମାଡି ପାରୁନଥିବାରୁ ଚିନ୍ତାରେ ରହିଛନ୍ତି। ୧୦ ହଜାର ହେକ୍ଟର ଚାଷ ଜମିରେ ଚାଷ ନଷ୍ଟ ହେବାକୁ ବସିଲାଣି ବୋଲି ସୋମନାଥ ଭତରା, ରଜନା ଚଲାଣ, ତୁଳାରାମ ପୂଜାରୀ, କୃତିବାସ ମାଝୀ, ଚିତ୍ରସେନ ପୂଜାରୀ, ହରିଶ୍ଚନ୍ଦ୍ର ମାଝୀ, କୃଷ୍ଣ ପୂଜାରୀ ପ୍ରମୁଖ କହିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିମ୍ପୁଡ଼ି ଦୁଧ**
**ୟା ଖାଇଲେ ଛାଡ଼ଇ ନିଦ ।**

ବେଳେବେଳେ କ୍ଷୀରରେ ପିମ୍ପୁଡ଼ି ଲାଗିଯାଉଥିବାର ଦେଖିବାକୁ ମିଳିଥାଏ। ଏପରି ପିମ୍ପୁଡ଼ି ମିଶା କ୍ଷୀର ପିଇଲେ ନିଦ ଛାଡ଼ିଯାଉଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ପାଣି ପିଇବ ଛାଣି**
**ପଇସା ନେବ ଗଣି**
**କଥା କହିବ ଜିଣି**
**ଦୁଃଖୀ ଲୋକଙ୍କୁ ନୋହିବ ଟାଣି**
**ସଖୀ ଗୋ, ଭଲ ଏ ।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ। ଟଙ୍କା ପଇସା ଗଣି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଏ। କଥାକୁ ଠିକ୍ଭାବେ ରଙ୍ଗେଇ ମଜେଇ କହି ପାରିଲେ ଅକ୍ଲେଶରେ ଅନ୍ୟର ମନକୁ ଜିଣିହୁଏ। ସେହିପରି ଦୁଃଖ ଅଭାବରେ ରହୁଥିବା ଲୋକଙ୍କୁ ମନରେ କଷ୍ଟ ହେବା ଭଳି ଟାଣ କରି କଥା ନ କହି କୋମଳଭାବ ପୋଷଣ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ମହିଳାଙ୍କ ମୃତଦେହ ଉଦ୍ଧାର, ସ୍ୱାମୀ ଅଟକ

## ହତ୍ୟା ଅଭିଯୋଗ ଆଣିଲେ ମହିଳାଙ୍କ ବାପା

ନବରଙ୍ଗପୁର,୨୪।୨(ବି.ପ୍ର.)

ନବରଙ୍ଗପୁର ଥାନା ଅଧୀନ ଦାନାଗୁଡା ଗାଁର ଲଳିତା ଭତରାଙ୍କ ମୃତଦେହ ଘରୁ ଝୁଲନ୍ତା ଅବସ୍ଥାରେ ରବିବାର ପୋଲିସ ଉଦ୍ଧାର କରିଛି। ଲଳିତାଙ୍କ ସ୍ୱାମୀ ସୋମନାଥ ଭତରା ଝିଅକୁ ହତ୍ୟା କରିଥିବା ବାପା ତୁଳାରାମ ଭତରା ନବରଙ୍ଗପୁର ଥାନାରେ ଏତଲା ଦେଇଛନ୍ତି। ପୋଲିସ ସୋମନାଥଙ୍କୁ ଅଟକ ରଖି ପଚରାଉଚରା କରୁଛି।

ନବରଙ୍ଗପୁର ଥାନା ଅଧିନ ମହୁଲପଦର ଗାଁର ତୁଳାରାମଙ୍କ ଝିଅ ଲଳିତାଙ୍କୁ ୧୭ ବର୍ଷ ତଳେ ଦାନାଗୁଡା ଗାଁର ସୋମନାଥ ଭତରା ବିବାହ କରିଥିଲେ । ସେମାନଙ୍କ ଦୁଇ ପୁଅ ଓ ଗୋଟିଏ ଝିଅ ରହିଛି । ଆବାସ ଯୋଜନାରେ ଘର ନିର୍ମାଣକୁ କେନ୍ଦ୍ର କରି ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡା ଲାଗି ରହିଥିଲା । ରବିବାର ଅପରାହ୍ନରେ ଲଳିତାଙ୍କ ମୃତଦେହ ଘର ଭିତରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା । ରାତି ୯ଟାରେ ଲଳିତାଙ୍କ ମୃତ୍ୟୁ ଘଟିଛି ବୋଲି ତୁଳାରାମ ଖବର ପାଇଥିଲେ। ଝିଅକୁ ହତ୍ୟା କରି ବେକରେ ରସି ଲଗାଇ ଝୁଲାଇ ଦିଆଯାଇଥିବା ତୁଳାରାମ ନବରଙ୍ଗପୁର ଥାନାରେ ଅଭିଯୋଗ କରିଛନ୍ତି । ନବରଙ୍ଗପୁର ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି । ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ନବରଙ୍ଗପୁର ଥାନାରେ ନଂ.୪୯/୨୦ରେ ଏକ ମାମଲା ରୁଜୁ ହୋଇଛି। ଅତିରିକ୍ତ ଥାନା ଅଧିକାରୀ ପ୍ରମିଳା ବିଡିକା ଘଟଣାର ତଦନ୍ତ କରୁଛନ୍ତି ।ଲଳିତାଙ୍କ କାନ ଓ ବେକ ନିକଟରେ କ୍ଷତ ଚିହ୍ନ ରହିଛି । ଏହାକୁ ଦେଖି ଝିଅକୁ ହତ୍ୟା କରାଯାଇଛି ବୋଲି ତୁଳାରାମ ଅଭିଯୋଗ ଆଣିଛନ୍ତି ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ୟାପିତ



ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି।

ଝରିଗାଁ,୨୪।୨(ସ୍ୱ.ପ୍ର)

ଝରିଗାଁ ବ୍ଲକ ସଦର ମହକୁମା ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଗତ ୧୧ ତାରିଖ ଠାରୁ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍ୟାପିତ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧ୍ରୁୁଆ ଯୋଗଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିବ ପ୍ରସାଦ ପଟ୍ଟନାୟକ ଉଦ୍ୟାପନୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏଥିରେ ତାଲିମ୍ ପ୍ରାପ୍ତ ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ସନ୍ତୋଷ କୁମାର ଖିଲାର, ଅଧାପିକା ତୁଷାରୀ ପଟ୍ଟନାୟକ, ମନୋଜ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୁଣପୁର,୨୪।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସହର ବେଲ ହଷ୍ଟେଲ ସମ୍ମୁଖ ତଥା ପୁରୁଣା ଷ୍ଟେଟ ବ୍ୟାଙ୍କ ସାହିରେ ରହୁଥିବା ପୂର୍ବତନ ବ୍ୟାଙ୍କ କର୍ମଚାରୀ ଟି.ସୁବ୍ରମନ୍ୟମଙ୍କ ଘରେ କେତେଜଣ ଦୁର୍ବୃତ୍ତ ପଶି ଚୋରି କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ ଟି.ସୁବ୍ରମନ୍ୟମଙ୍କ ମା'ଙ୍କ ଦେହାନ୍ତ ହୋଇ ଯାଇଥିବାରୁ ସେ ଭୁବନେଶ୍ୱର ଯାଇଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦାଣ୍ଡ ପଟ କବାଟ ଭାଙ୍ଗି ଘରେ ପଶିଥିଲେ। ସାହି ଲୋକେ ଏହା ଜାଣିପାରି ଟି.ସୁବ୍ରମନ୍ୟମଙ୍କୁ ଖବର ଦେଇଥିଲେ। ସେ ସୋମବାର ସନ୍ଧ୍ୟାରେ ଘରକୁ ଆସି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# କିରାଣିଙ୍କ ବିୟୋଗରେ ଶୋକସଭା



ଶୋକସଭାରେ ଉପସ୍ଥିତ ଅଧିକାରୀ,କର୍ମଚାରୀ ଓ ଅନ୍ୟମାନେ ।

ନବରଙ୍ଗପୁର,୨୪।୨(ବି.ପ୍ର.)

ନବରଙ୍ଗପୁର ଜିଲା ସଂସ୍କୃତି କାର୍ଯ୍ୟାଳୟର ବରିଷ୍ଠ କିରାଣୀ ପି. ଭାନୁମତି (୪୭)ଙ୍କ ରବିବାର ଅକାଳ ବିୟୋଗ ଘଟିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଓ ଜିଲା ସଂସ୍କୃତି ବିଭାଗ ପକ୍ଷରୁ କାର୍ଯ୍ୟାଳୟ ଠାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭାନୁମତିଙ୍କ ଦିବଂଗତ ଆତ୍ମାର ସଦଗତି କାମନା କରିବା ସହ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ବରିଷ୍ଠ ଖବରଦାତା ବାଙ୍କ ବିହାରି ବିଷୋୟୀ, ପ୍ରଦୀପ ପାଢୀ, ଧିରେନ ପଣ୍ଡା, ରାମ କିରଣ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଣ୍ଡା ସମେତ ଜିଲା ସୂଚନା ଲୋକ ସମ୍ପର୍କ ବିଭାଗର କର୍ମଚାରୀ ଦିଲ୍ଲିପ କୁମାର ମଲ୍ଲିକ, ରାଜେନ୍ଦ୍ର କୁମାର ମାଝୀ, ନୀଳକଣ୍ଠ ନାୟକ, ପୂର୍ଣ୍ଣ ଚନ୍ଦ୍ର ବାଘ, ବିଘ୍ନରାଜ ମାଝୀ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ନବରଙ୍ଗପୁର ଉତ୍କଳ ପରିଷଦ କାର୍ଯ୍ୟକାରୀ କମିଟି ଗଠିତ



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

ନବରଙ୍ଗପୁର,୨୪।୨(ବି.ପ୍ର.)

ନବରଙ୍ଗପୁର ଉତ୍କଳ ପରିଷଦର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଦେବେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ କ୍ରମେ ପ୍ରେମଚାନ୍ଦ ପଟ୍ଟନାୟକ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ୩ ବର୍ଷ ପାଇଁ ସର୍ବସମ୍ମତି କ୍ରମେ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ପ୍ରେମଚାନ୍ଦ ପଟ୍ଟନାୟକ, ଉପସଭାପତି ପ୍ରଭାସିନୀ ମହାନ୍ତି, ସମ୍ପାଦକ ତପନ ବିଷୋୟୀ, ସହ ସଂଯୋଜକ ଗୋପାଳ କୃଷ୍ଣ ପାଣିଗ୍ରାହୀ, କୋଷାଧକ୍ଷ ଜଗନ୍ନାଥ ବେହେରା, ମନୋନୀତ ହୋଇଛନ୍ତି। ଅନ୍ୟାନ୍ୟ ସଭ୍ୟାସଭ୍ୟଙ୍କ ମଧ୍ୟରେ ସୁରେଶ ଚନ୍ଦ୍ର ମିଶ୍ର, ସୁ.ଏଚ. ଉଷାରାଣୀ, ଶ୍ରୀଧର ଶତପଥି, ରବିକାନ୍ତ ରଘୁରାମ ଓ ମିଡିଆ ସଂଯୋଜକ ଭାବେ ମନୋଜ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ଦେବେନ୍ଦ୍ର ପ୍ରଧାନ, ପୃଷ୍ଠପୋଷକ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି । ୨୦୨୦ ଉତ୍କଳ ଦିବସକୁ ଅତି ଆଡମ୍ବର ଭାବେ ପାଳନ କରିବା ଓ ନିୟମିତ ଭାବେ ଓଡିଆ ଭାଷା ସଂସ୍କୃତି ଭିତ୍ତିକ କାର୍ଯ୍ୟକ୍ରମ 'ଚେତନା' ପ୍ରତ୍ୟେକ ବ୍ଲକ ସ୍ତରରେ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଛି। ମହାପୁରୁଷ ମାନଙ୍କ ଜନ୍ମ ଦିନଗୁଡିକ ସ୍ୱତନ୍ତ୍ର ଭାବେ ପାଳନ କରାଯିବା ଲାଗି ସଂକଳ୍ପ ନିଆଯାଇଥିଲା।

## ପୋଡ଼ି ହୋଇ ୨ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ଗୁଣପୁର/ପାରଳାଖେମୁଣ୍ଡି, ୨୪।୨(ଡି.ଏନ୍.ଏ./ସ୍ୱ.ପ୍ର.)

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଏସ୍ପିଗୁଡ଼ାଠାରେ ରବିବାର ରାତିରେ ଜଣେ ମହିଳା ଏବଂ ଅନ୍ୟଜଣେ ପୁରୁଷ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅବସ୍ଥା ସଙ୍ଗୀନ ଥିବାରୁ ସୋମବାର ଦୁହିଁଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇ ଦିଆଯାଇଛି। ଏସ୍ପିଗୁଡ଼ା ଅଞ୍ଚଳର ପିଙ୍କି ଶବର (୩୦)ଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିବାବେଳେ ଗୁଣପୁର ଅଞ୍ଚଳର ଜି. ରାମାରାଓ(୩୫)ଙ୍କ ୮୦ ପ୍ରତିଶତ ପୋଡ଼ିଯାଇଛି ।

# ତାଲିକାରେ ନାଁ ଅଛି, ମିଳୁନି ଆବାସ

ତେନ୍ତୁଳିଖୁଣ୍ଟି,୨୪।୨(ଡି.ଏନ.ଏ)



ଡମୁ ଜାନୀ ଆଧାର ଓ ଭୋଟର କାର୍ଡ ଦେଖାଉଛନ୍ତି।

ପ୍ରଧାନମନ୍ତ୍ରୀ ଆବାସ ପାଇଁ ଚୟନ ତାଲିକାରେ ନାମ ଅଛି,ତଥାପି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ମିଳୁନି। ବାଧ୍ୟ ହୋଇ ଭଙ୍ଗା ଦଦରା ଘରେ ରହୁଛନ୍ତି ହିତାଧିକାରୀ। ଏହିପରି ଘଟଣା ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଚାଗାଁ ପଞ୍ଚାୟତ ଦାଣ୍ଡୁଗୁଡା ଗ୍ରାମର ଡମୁ ଜାନୀଙ୍କ କ୍ଷେତ୍ରରେ ଘଟିଛି। ଦାଣ୍ଡୁଗୁଡା ଗ୍ରାମର ଜିରୁ ଜାନୀଙ୍କ ପୁଅ ଡମୁଙ୍କ ନାମ ପ୍ରଧାନମନ୍ତ୍ରୀ ଅବାସ ପାଇଁ ଗ୍ରାମସଭାରେ ମନୋନୀତ ହୋଇ ତାଲିକାରେ ନାମ ରହିଥିଲା। ତାଲିକାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଇଡି ନଂ. ୪୬୧୮୩୬୮ ରହିଥିଲା। ଅର୍ଥନୈତିକ ଜାତିଗତ ସର୍ଭେ ତାଲିକାରେ ମଧ୍ୟ ଡମୁଙ୍କ ନାମ ଥିଲା । ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଁ ତାଙ୍କ କ୍ରମିକ ନଂ ଆସିଥିଲା। ସେଥିପାଇଁ ପଞ୍ଚାୟତର ତତ୍କାଳୀନ ଦାୟିତ୍ୱରେ ଥିବା ଅଧିକାରୀ ୨୦୧୭-୧୮ ଆର୍ଥିକ ବର୍ଷରେ ଡମୁଙ୍କ ଠାରୁ ଜବକାର୍ଡ, ବ୍ୟାଙ୍କ ପାଶବୁକ, ଆଧାରକାର୍ଡ, ଘରଡିହ ପଟ୍ଟା, ଭୋଟର ଆଇଡି କାର୍ଡର ନକଲ ନେଇଥିଲେ। କିନ୍ତୁ କାର୍ଯ୍ୟାଦେଶ ମିଳି ନ ଥିଲା। ତାଙ୍କ ବଦଳରେ ଅନ୍ୟ ଏକ ଗ୍ରାମର ଉକ୍ତ ନାମ ଥିବା ଜଣେ ବ୍ୟକ୍ତିଙ୍କୁ କାର୍ଯ୍ୟାଦେଶ ମିଳିଥିଲା। ପ୍ରଧାନମନ୍ତ୍ରୀ ଆବାସରେ ଘର ଘଣ୍ଟେ ନ ପାଇ ଡମୁ ଜାନୀ, ତାଙ୍କ ସ୍ତ୍ରୀ ଏବଂ ବିଧବା ବୋହୂ ଓ ୩ ନାତିନାତୁଣୀ ସହ ଭଙ୍ଗାଦଦରା ଘରେ ଜୀବନ ବିତାଉଛନ୍ତି। ଆଦିବାସୀଙ୍କ ନାମରେ ଆସୁଥିବା ଘରକୁ ଅଣ ଆଦିବାସୀଙ୍କୁ ଦିଆଯାଉଥିବା ଅଭିଯୋଗ ହେଉଛି। ଡମୁଙ୍କ ନାମ ତାଲିକାରେ ଥିବା ବେଳେ କାହିଁକୁ ତାଙ୍କୁ ଘର ମିଳି ନାହିଁ ଏହାର ତଦନ୍ତ କରାଯାଉ ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ନାୟକ ଦାବି କରିଛନ୍ତି।

## ସଂକ୍ଷେପରେ

### ବଣ୍ଟାଯିବ ୪୦ ହଜାର ମଶାରୀ



**ଦାମନଯୋଡ଼ି,୨୪।୨(ଡି.ଏନ୍.ଏ.):** ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୋରାପୁଟ ବ୍ଲକରେ ଔଷଧୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଛି। ଲିଟିଗୁଡ଼ା ପଞ୍ଚାୟତର ଭିତର ଭେଜାପୁଟ ଗ୍ରାମରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ଗ୍ରାମର ୱାର୍ଡ଼ମେମ୍ବର ପଦ୍ମା ଭୋଇ ଉଦ୍‌ଘାଟନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସୋହନ ନାୟକ, ବିପିଏମ୍ ନୂତନ ସିଂ, ସୁପରଭାଇଜର ରାଧିକା ସୋରେନ, ଭିବିଡିଟିଏସ୍ ନୀଳକଣ୍ଠ ପାଣି, ସ୍ୱାସ୍ଥ୍ୟକର୍ମୀ କୁନ୍ତଳା କୁମାରୀ ସେଠୀ, ସୁଶାନ୍ତ କୁମାର ଭଞ୍ଜ, ବିନ୍ଦୁରାଣୀ କର୍ମକାର ଉପସ୍ଥିତ ଥିଲେ। କୋରାପୁଟ ବ୍ଲକରେ ମାର୍ଚ୍ଚ ୧୯ ମଧ୍ୟରେ ୪୦ ହଜାରରୁ ଅଧିକ ମଶାରୀ ବଣ୍ଟାଯିବ। ପ୍ରଥମ ଦିବସରେ ଭିତର ଭେଜାପୁଟ, ଲିଟିଗୁଡ଼ା, ଚଉଗାଁ, କାଣ୍ଡଗୁଡ଼ା, ଆମଟିଗୁଡ଼ା, ଡୁମୁରିପୁଟ କେନ୍ଦ୍ରରେ ହିତାଧିକାରୀଙ୍କୁ ମଶାରୀ ବଣ୍ଟାଯାଇଥିଲା। ପ୍ରଥମ ଦିନରେ ୧୪୮୮ଟି ସିଙ୍ଗଲ ଓ ୧୪୬୦ଟି ଫ୍ୟାମିଲି ସାଇଜ୍ ମଶାରୀ ବଣ୍ଟନ କରାଯାଇଛି।

### ପୁରାତନ ଛାତ୍ରଙ୍କ ବୈଠକ

**ସୁନାବେଡ଼ା,୨୪।୨:** ସୁନାବେଡ଼ା ଏଡିଏଭି ହାଇସ୍କୁଲର ୯୦ ମସିହା ଛାତ୍ରୀଛାତ୍ରଙ୍କ ମାର୍ଚ୍ଚ ୨୨ରେ ହେବାକୁ ଥିବା ବନ୍ଧୁ ମିଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସେମିଳିଗୁଡ଼ାରେ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ବନ୍ଧୁ ମିଳନ ଧୁମ୍‌ଧାମ୍‌ରେ କରିବା ଓ ଏଥିରେ ସମସ୍ତ ପୁରାତନ ବନ୍ଧୁଙ୍କୁ ସାମିଲ କରିବା ନେଇ ଆଲୋଚନା କରାଯାଇଛି। ବନ୍ଧୁ ମିଳନରେ ପୁରାତନ ଛାତ୍ରୀଛାତ୍ରଙ୍କ ପରିବାର ଓ ପିଲାମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ଓ ବିବିଧ ପ୍ରତିଯୋଗିତା କରାଯିବା ପାଇଁ ସ୍ଥିର ହୋଇଥିଲା। ଏହି ବୈଠକରେ ୯୦ ବ୍ୟାଚ୍‌ର ଛାତ୍ର ପ୍ରଦୀପ ତ୍ରିପାଠୀ, ସ୍ୱରାଜ ରାୟ, ବୁଦ୍ଧିଆ ଜେନା, କୈଳାସ ଲେଙ୍କା, ରଘୁନାଥ ରାଉତ, ଜୟ ବାଡ଼ତ୍ୟା, ସଞ୍ଜୟ ପରିଡ଼ା, ଗଣେଶ ସ୍ୱାଇଁ, ସୁନୀଲ ବିଷୋୟୀ ଓ କୃତ୍ତିବାସ ପ୍ରଧାନ, ସନତ ସାହୁ, ପ୍ରମୋଦ ସେନାପତି ଉପସ୍ଥିତ ଥିଲେ।

### ଦୁଇ ଗୋଷ୍ଠୀ ଗଣ୍ଡଗୋଳ, ଜଣେ ଗିରଫ

**ଗଞ୍ଜାମ,୨୪।୨(ଡି.ଏନ୍.ଏ.)** ରମ୍ଭା ଥାନା ରଘୁନାଥପୁର ଗ୍ରାମରେ ଏକ ବିବାହ ଭୋଜି ଖାଇବାକୁ ଯିବା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ରବିବାର ରାତିରେ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣାରେ ପୋଲିସ ନଂ. ୪୨/୨୦ରେ ମାମଲା ରୁଜୁ କରି ହୁମ୍ମାର ଜିତେନ୍ଦ୍ର ସ୍ୱାଇଁଙ୍କୁ ସୋମବାର କୋର୍ଟଚାଲାଣ କରିଥିବା ରମ୍ଭା ଥାନା ଆଇଆଇସି କୃଷ୍ଣ ଚନ୍ଦ୍ର ସେଠୀ କହିଛନ୍ତି। ପ୍ରକାଶ ଯେ, ରବିବାର ରଘୁନାଥପୁର ଭୋଜିରେ ଯିବା ବେଳେ ସୁବଳୟା ଗ୍ରାମର ଜଣେ ବ୍ୟକ୍ତି ରାସ୍ତାରେ ହଠାତ୍ ବାଇକ୍ ରଖିଦେବାରୁ ପଛରୁ ଆସୁଥିବା ହୁମ୍ମା ପିଲାଙ୍କ ସହ ଝଗଡା ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ମାରପିଟ ହୋଇଥିଲା। ଏହି ଗଣ୍ଡଗୋଳରେ ବାଇକ୍ ଭାଙ୍ଗି ଯାଇଥିବା ଜଣାପଡ଼ିଛି।

# କୂଅ ଖୋଳି ବକେୟା ବିଲ୍ ପାଉନାହାନ୍ତି ଚାଷୀ

**ବୈପାରୀଗୁଡ଼ା,୨୪।୨(ଡି.ଏନ୍.ଏ.)**

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୂଅ ଖୋଳି ବିଲ୍ ପାଇବା ପାଇଁ ଜଣେ ଚାଷୀଙ୍କ ହନ୍ତସନ୍ତ ହେବାକୁ ପଡ଼ିଛି। ସେ ହେଲେ ବୈପାରୀଗୁଡ଼ା ବ୍ଲକ ବାଲିଗାଁ ପଞ୍ଚାୟତ ଖଷର୍ଲିଗୁଡ଼ା ଗ୍ରାମର ହରି ଜନମ (୫୦)।

ହରି ଜଣେ ପରିବା ଚାଷୀ। ନିଜ ଉଦ୍ୟମରେ ସେ ଜମିରେ ଚୁଆ ଖୋଳି ସେହି ପାଣିରେ ଚାଷ କରୁଥିଲେ। ପୂର୍ବରୁ ତାଙ୍କୁ ମିଳିଥିବା ଏକ ଆବାସ ଘର କାମ ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିଥିଲେ। ବ୍ଲକ ପ୍ରଶାସନ ଖୁସି ହୋଇ ପରେ ତାଙ୍କ ପରିବା ଚାଷକୁ ପ୍ରୋତ୍ସାହନ ଦେବାକୁ ଯାଇ ୨୦୧୭-୧୮ ଆର୍ଥିକ ବର୍ଷରେ ୨ ଲକ୍ଷ ୪୦ ହଜାର ଟଙ୍କା ଅଟକଳରେ ଏକ କୂଅ ଖୋଳାଇବା ପାଇଁ ତାଙ୍କୁ ଚୟନ କରିଥିଲେ। ଏଥିରେ ନିଜେ ହରି ଅନ୍ୟ ଶ୍ରମିକଙ୍କ ସହ ଶ୍ରମଦାନ କରିଥିଲେ। ୬ ମାସ ତଳେ କୂଅଖୋଳା ସଂପୂର୍ଣ୍ଣ ହୋଇଥିବା ବେଳେ ଶ୍ରମିକମାନ ମଜୁରି ପାଇଗଲେଣି। କିନ୍ତୁ ଏଥିରେ ମ୍ୟାଟେରିଆଲ ବାବଦକୁ ୧ ଲକ୍ଷ ୨୦ ହଜାର ଟଙ୍କା ପାଇବାକୁ ବାକି ଅଛି । ଏ ବାବଦକୁ ଯାହା କିଛି ପରିବା ବିକା ଟଙ୍କା ଓ ଧାର କରଜ କରି ଖର୍ଚ୍ଚ କରିଥିବା ହରିଙ୍କୁ ବାରମ୍ବାର ବ୍ଲକ ପ୍ରଶାସନ ପାଖକୁ ଧାଇଁ ନିରାଶ ହେବାକୁପଡ଼ିଛି। ଉଲ୍ଲେଖଯୋଗ୍ୟ, ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.ରେ ମ୍ୟାଟେରିଆଲ୍ସ ବାବଦୀୟ ବିଲ୍ ଭେଣ୍ଡରଙ୍କ ଖାତାକୁ ଯାଇଥାଏ। ହିତାଧିକାରୀଙ୍କ ଦ୍ୱାରା ଭେଣ୍ଡରଙ୍କ ନାମ ସୁପାରିଶ କରିବା ନିୟମ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କାହାକୁ ଭେଣ୍ଡର ଭାବେ ବଛାଯାଇଛି ବୋଲି ହରି ଜାଣିନାହାନ୍ତି। ଭେଣ୍ଡରଙ୍କଠାରୁ ସେ ବଳକା ଅର୍ଥ ଫେରସ୍ତ ପାଇବେ। କିନ୍ତୁ ଶ୍ରମିକ ମଜୁରି ମିଳିବା ପରେ ମ୍ୟାଟେରିଆଲ୍ସ ବାବଦକୁ ୧ ଲକ୍ଷ ୨୦ ହଜାର ଟଙ୍କା ପାଇବା ନେଇ ସେ ସନ୍ଦେହ ପ୍ରକାଶ କରିଛନ୍ତି। ଏଥିପାଇଁ ବାରମ୍ବାର ବ୍ଲକ ଅଫିସ୍‌କୁ ଆସି ବିଡିଓ ଓ ଯନ୍ତ୍ରୀଙ୍କୁ ଭେଟୁଛନ୍ତି। କିନ୍ତୁ ସେମାନେ କେବଳ ଦିନ ଗଡ଼େଇ ଗଡ଼େଇ ଚାଲୁଛନ୍ତି। ତେଣେ ହରିଙ୍କ ଆର୍ଥିକ ଅବସ୍ଥା ବିଗିଡ଼ିଗଲାଣି। ଏପରିକି ଦିନେ ବିଡିଓଙ୍କ ସାମ୍ନାରେ ବିଷ ବୋତଲ ଦେଖାଇ ଆତ୍ମହତ୍ୟା ଧମକ ମଧ୍ୟ ଦେଇଥିଲେ। ସୋମବାର ପୁଣିଥରେ ବିଡିଓ ରଜନୀକାନ୍ତ ଦାସଙ୍କୁ ଭେଟି ଦରଖାସ୍ତ ଦେଇଛନ୍ତି। ଟଙ୍କା ତୁରନ୍ତ ନ ମିଳିଲେ ସେ ଆତ୍ମହତ୍ୟା କରିବେ ବୋଲି ଏଥିରେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ କହିଛନ୍ତି, ଉପରୁ ଟଙ୍କା ଆସିନାହିଁ। ଟଙ୍କା ଆସିଲେ ତୁରନ୍ତ ଦିଆଯିବ। କିନ୍ତୁ ବିଡିଓଙ୍କ ଆଶ୍ୱସନାକୁ ଗରିବ ହରି ଭରସା କରିପାରୁ ନାହାନ୍ତି।



କୂଅ ପାଖରେ ହରି ଜନମ ।

# ଆଜି କେନ୍ଦ୍ର ଖଣିମନ୍ତ୍ରୀଙ୍କ ଗସ୍ତ

**ଦାମନଯୋଡ଼ି,୨୪।୨(ଡି.ଏନ୍.ଏ.)**

କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଭେଙ୍କଟେଶ ଯୋଶୀଙ୍କ ମଙ୍ଗଳବାର ନାଲ୍‌କୋର ଦାମନଯୋଡ଼ି ପ୍ରକଳ୍ପ ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ସକାଳ ୧୧ଟାରେ ନାଲ୍‌କୋର ପଞ୍ଚପଟ୍ଟମାଳୀ ବକ୍ସାଇଟ୍ ଖଣି ହେଲିପ୍ୟାଡ୍‌ରେ ଅବତରଣ କରିବେ। ଖଣିର ସାଉଥ୍ ବ୍ଲକରେ ନୂତନ କ୍ରଶର ଓ କନଭେୟର ବେଲ୍ଟ ସ୍ଥାପନ ପାଇଁ ମନ୍ତ୍ରୀ ଯୋଶୀ ଭିତ୍ତିପ୍ରସ୍ତର ଦେବେ। ଏହାପୂର୍ବରୁ ତାଙ୍କୁ ସିଆଇଏସ୍‌ଏଫ୍ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯିବ। ପରେ ମନ୍ତ୍ରୀ ଖଣିଅଞ୍ଚଳ ବୁଲି ଦେଖିବେ। ଏହାପରେ ନାଲ୍‌କୋ ଟାଉନଶିପ୍‌ସ୍ଥିତ ସେକ୍ଟର-୨ ଡ. ଆମ୍ବେଦକର ଷ୍ଟାଡିୟମକୁ ହେଲିକପ୍ଟରରେ ଆସି ନାଲ୍‌କୋ ପ୍ଲାଣ୍ଟ (ପରିଶୋଧ ପ୍ରକଳ୍ପ) ଗସ୍ତ କରିବା ସହ ଟ୍ରେନିଂ ସେଣ୍ଟରରେ କର୍ମଚାରୀ ସଙ୍ଗଠନ ସହ ଆଲୋଚନା କରିବେ। ନାଲ୍‌କୋର ନୂତନ ପର୍ଯ୍ୟାୟ ସଂପ୍ରସାରଣ କାର୍ଯ୍ୟର ଅଗ୍ରଗତି ନେଇ ମଧ୍ୟ ଅଧିକାରୀଙ୍କ ସହ ସମୀକ୍ଷା କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତ ସମୟରେ ନାଲ୍‌କୋ ଅଧ୍ୟକ୍ଷ ତଥା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର, ୨ ଜଣ ନିର୍ଦ୍ଦେଶକଙ୍କ ସହ ଦାମନଯୋଡ଼ି ପ୍ରକଳ୍ପର ଇଡି ଉପସ୍ଥିତ ରହିବେ।

# ଟ୍ରମ୍ପଙ୍କ ଗସ୍ତକୁ ସିପିଆଇର ବିରୋଧ




ସିପିଆଇର ବିକ୍ଷୋଭ ଶୋଭାଯାତ୍ରା।

**ଜୟପୁର,୨୪।୨(ନି.ପ୍ର.)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଗସ୍ତରେ ଆସିଥିବା ବେଳେ ଏହି ଗସ୍ତକୁ ବିରୋଧ କରିଛି ସିପିଆଇ। କୋରାପୁଟ ଜିଲା ସିପିଆଇ ଶ୍ରମିକ କର୍ମଚାରୀ ଭବନରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜଗଜ୍ଜନନୀ ଛକ ଦେଇ ଟ୍ରାଫିକ ଛକରେ ପହଞ୍ଚିଥିଲା। ସେଠାରେ ଟ୍ରମ୍ପଙ୍କ ଗସ୍ତକୁ ବିରୋଧ କରାଯାଇ ଗୋ ବ୍ୟାକ୍ ସ୍ଲୋଗାନ ଦିଆଯାଇଥିଲା। ଏହି ଶୋଭାଯାତ୍ରାରେ ସିପିଆଇର କୋରାପୁଟ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସଙ୍କ ସମେତ ଶତାଧିକ ସିପିଆଇ କର୍ମୀ ସାମିଲ ଥିଲେ।

# ଯୋଜନା ସଚେତନ ହେଲେ ଜନତା



ଜନ ସମ୍ପର୍କ ଶିବିରରେ ଉପସ୍ଥିତ ଅଧିକାରୀ ଓ ଲୋକ ପ୍ରତିନିଧି।

**ସମ୍ପର୍କ ଶିବିର**

**କୁନ୍ଦୁରା,୨୪।୨(ଡି.ଏନ୍.ଏ.)**

କୁନ୍ଦୁରା ବ୍ଲକ ଶାସ୍ତ୍ରୀ ମଇଦାନରେ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ସୋମବାର ବ୍ଲକସ୍ତରୀୟ ଜନ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। କୁନ୍ଦୁରା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଜୟପୁର ଆଇଟିଡିଏ ପିଏ ଗୋପୀନାଥ ସାରକା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀ ମିନରବାଲିଆ, ଧନୀରାମ ବାରିକ, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ପ୍ରାଣୀଧନ ବିଶେଷଜ୍ଞ, କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ହରିଶଙ୍କର ସାହୁ, ଶିଶୁ ବିକାଶ ଯୋଜନା ଅଧିକାରୀ କୁସୁମ ବେହେରା, ଏବିଇଓ ତିଳୋତ୍ତମା ଗରଡ଼ା ଓ ଆଇଟିଡିଏ ମ୍ୟାନେଜର ଦେବାଶିଷ ପଟ୍ଟନାୟକ ମଞ୍ଚାସୀନ ଥିଲେ। ସରକାରୀ ଯୋଜନା ସବୁ ଠିକ୍ ଭାବେ ଲୋକଙ୍କ ନିକଟରେ କିଭଳି ପହଞ୍ଚି ପାରିବ ସେ ନେଇ ବିଡିଓ ସ୍ନେହପ୍ରଭା ମାଝି ବୁଝାଇଥିଲେ। ଏହି ଉପଲକ୍ଷେ ସ୍ୱାସ୍ଥ୍ୟ, କୃଷି, ପ୍ରାଣୀଧନ ବିଭାଗ ଦ୍ୱାରା ଷ୍ଟଲ ଖୋଲିଥିଲା। ଶିଶୁ ବିକାଶ ବିଭାଗ ଅଧୀନରେ ମମତା ଯୋଜନା ଓ ଛୋଟ ପିଲାଙ୍କୁ ମିଳୁଥିବା ସୁବିଧା, ଭ୍ରାମ୍ୟମାଣ ଗାଡ଼ିରେ ମାଗଣା ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଣ, ପଶୁ ସମ୍ପଦ ବିଭାଗ ଦ୍ୱାରା ଥିବା ସୁବିଧା, ଗୋରୁଙ୍କ ଟିକାକରଣ, ବ୍ଲକର ସରକାରୀ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଜୋତା, ଡ୍ରେସ ପ୍ରଦାନ, ଶିକ୍ଷା ବ୍ୟବସ୍ଥାର ତଦାରଖ ଭଳି ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଏଥିରେ ଅବଗତ କରାଯାଇଥିଲା। ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲି, ଯୋଗାଣ ଅଧିକାରୀ ନରସିଂହ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାଉଡିଆଗୁଡ଼ା ଆବାସିକ ବିଦ୍ୟାଳୟ ଛାତ୍ରୀମାନେ ପ୍ରାରମ୍ଭିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

### ଖେଲୋ ଇଣ୍ଡିଆ ପାଇଁ ବୈଷୟିକ ଅଧିକାରୀ

**ଦାମନଯୋଡ଼ି,୨୪।୨(ଡି.ଏନ୍.ଏ.)**

କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା ସରକାର ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଦ୍ୱାରା ଆୟୋଜିତ ପ୍ରଥମ ବିଶ୍ୱବିଦ୍ୟାଳୟସ୍ତରୀୟ ଖେଲୋ ଇଣ୍ଡିଆ ପାଇଁ ଦାମନଯୋଡ଼ି ସରସ୍ୱତୀ ବିଦ୍ୟାମନ୍ଦିରର ଶାରୀରିକ ଶିକ୍ଷା ପ୍ରଶିକ୍ଷକ ଡ. ରମେଶ ଚନ୍ଦ୍ର ସ୍ୱାଇଁ ଆଥଲେଟିକ ଫେଡେରେଶନ ଅଫ୍ ଇଣ୍ଡିଆ ଦ୍ୱାରା ବୈଷୟିକ ଅଧିକାରୀ ରୂପେ ଚୟନ ହୋଇଛନ୍ତି। ଡ. ସ୍ୱାଇଁ ୨୮ରୁ ୧ ମାର୍ଚ୍ଚ ପର୍ଯ୍ୟନ୍ତ ଏହି କ୍ରୀଡ଼ାରେ ବୈଷୟିକ ଅଧିକାରୀ କାର୍ଯ୍ୟ ସମ୍ପାଦନ କରିବେ। ଏଥିପାଇଁ ସେ ୨୬ ଫେବୃୟାରୀରୁ କଳିଙ୍ଗ ଷ୍ଟାଡ଼ିୟମ ଗସ୍ତ କରିବେ। ସେ ଏହା ପୂର୍ବରୁ ଏସିଆନ ଆଥଲେଟିକ ଚାମ୍ପିୟନଶିପ୍, ଯୁଥ୍ ଖେଲୋ ଇଣ୍ଡିଆ, ଗୌହାଟି ଭଳି ବହୁବାର ଜାତୀୟ କ୍ରୀଡ଼ାରେ ବୈଷୟିକ କାର୍ଯ୍ୟ ତୁଲାଇ ସାରିଛନ୍ତି। ତାଙ୍କର ଏହି ସଫଳତା ଅନୁଷ୍ଠାନର ପରିଚାଳନା ସମିତି, ବିଦ୍ୟାଳୟ ସମ୍ପାଦକ ଓ ଅଧ୍ୟକ୍ଷଙ୍କ ସହଯୋଗ ପାଇଁ ହୋଇପାରିଥିବା ସେ ଦର୍ଶାଇଛନ୍ତି।

# ସମ୍ପର୍କ ଶିବିରରେ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ



ସମ୍ପର୍କ ଶିବିରରେ ମଞ୍ଚାସୀନ ଅତିଥିମାନେ।

**ଲକ୍ଷ୍ମୀପୁର,୨୪।୨(ଡି.ଏନ୍.ଏ.)**

ଲକ୍ଷ୍ମୀପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନଜାତି ଗୋଷ୍ଠୀଙ୍କୁ ସରକାରୀ ଯୋଜନା ଓ କାର୍ଯ୍ୟାବଳୀ ସମ୍ପର୍କରେ ସଚେତନ କରିବା ପାଇଁ ଏକ ସମ୍ପର୍କ ଶିବିର ଆୟୋଜିତ ହୋଇଛି। ବିଡିଓ ପ୍ରସନ୍ନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକଅମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଲଳିତ ମୋହନ କଅଁର ଯୋଗଦେଇ କହିଥିଲେ, ଏହି ସମ୍ପର୍କ କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ଲୋକଙ୍କ ସମସ୍ୟା ସମାଧାନ ହୋଇପାରିବ। ଅନ୍ୟ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ପ୍ରେମଚନ୍ଦ୍ର ଡଙ୍ଗ୍ରୀ, ଅତିରିକ୍ତ ଶିକ୍ଷା ଅଧିକାରୀ ଦୈତାରୀ ଦାସ, କୃଷି ଜିଲା ଅଧିକାରୀ ଉମେଶ ସାହୁ, ବନ ଅଧିକାରୀ କେଶବ ଚନ୍ଦ୍ର ସାହୁ, ପୂର୍ଣ୍ଣଚନ୍ଦ୍ର କଲେକା, ପ୍ରାଣୀ ସମ୍ପଦ ଅଧିକାରୀ ଡ. ଆଶୁତୋଷ ମଲ୍ଲିକ, ଡ. ମନୋଜ ବେହେରା, ଅଙ୍ଗନୱାଡ଼ି ସୁପରଭାଇଜର ପାର୍ବତୀ ଆଚାର୍ଯ୍ୟ ଉପସ୍ଥିତ ଥିଲେ। ଶିବିରରେ ଜଙ୍ଗଲ ଓ ପରିବେଶ, ଶିଶୁ କଲ୍ୟାଣ, କୃଷି, ପ୍ରାଣୀ ସମ୍ପଦ, ଉଦ୍ୟାନ, ଜୀବିକା ମିଶନ, ଶକ୍ତି, ମାନସିକ ରୋଗୀ ସଚେତନତା ବିଭାଗ, ସିଓ୍ୱାଇଏସ୍‌ଡିର ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ଶେଷରେ ଲକ୍ଷ୍ମୀପୁର ସାଙ୍ଗାନ୍ନା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଢେମ୍‌ସା ନୃତ୍ୟ ପରିବେଷଣ କରାଯାଇଥିଲା।

# ଦୁର୍ଘଟଣା ପାଇଁ ଚାଳକ ଦାୟୀ, ସଚେତନତା ଉପରେ ପ୍ରଶ୍ନ

**ଜୟପୁର,୨୪।୨(ଡି.ଏନ୍.ଏ.)**

ମାର୍ଚ୍ଚ ୧ରୁ ନୂତନ ଟ୍ରାଫିକ ନିୟମ କଡ଼ାକଡ଼ି ହେବ। ଗତ ୩ ବର୍ଷରେ ଜିଲାର ଦୁଇଟି ମୁଖ୍ୟ ଥାନା ଜୟପୁର ଟାଉନ ଓ ସଦରଥାନା ଅନୁଯାୟୀ ଦୁର୍ଘଟଣା ପାଇଁ ଏହାର ଶିକାର ହୋଇଥିବା ଗାଡ଼ିର ଚାଳକଙ୍କୁ ହିଁ ଦାୟୀ କରାଯାଇଛି। ଏବେ ଟ୍ରାଫିକ ନିୟମ କଡ଼ାକଡ଼ି କରିବା ପୂର୍ବରୁ ଚାଳକମାନେ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି କି ନା, ସେନେଇ ପୋଲିସ ଓ ପ୍ରଶାସନ କେତେ ଦୃଢ଼ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜୟପୁର ଟାଉନଥାନା ତଥ୍ୟ ଅନୁଯାୟୀ, ୨୦୧୭ରେ ଏହି ଥାନା ଅଞ୍ଚଳରେ ବିଭିନ୍ନ ଯାନବାହାନ ଦୁର୍ଘଟଣାଜନିତ ୧୮ ମାମଲା ହୋଇଥିଲା। ସେଥିରେ ୫ଜଣଙ୍କ ମୃତ୍ୟୁ, ୩ ଜଣ ଗୁରୁତର ଓ ୧୦ ଜଣ ସାମାନ୍ୟ ଆହତ ହୋଇଛନ୍ତି। ୨୦୧୮ରେ ରୁଜୁ ହୋଇଥିବା ୧୯ଟି ଦୁର୍ଘଟଣାଜନିତ ମାମଲାରୁ ୫ଜଣଙ୍କ ମୃତ୍ୟୁ, ୯ ଜଣ ଗୁରୁତର ଓ ୧୦ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୧୯ରେ ୧୪ଟି ମାମଲା ହୋଇଥିଲା। ଏଥିରୁ ୩ଜଣ ମହିଳାଙ୍କ ସମେତ ୮ଜଣ ଲୋକ ଓ ଗୋଟିଏ ଗାଈର ଜୀବନ ଯାଇଥିଲା। ବିଭିନ୍ନ ଦୁର୍ଘଟଣାରେ ୭ ଜଣ ଗୁରୁତର ଓ ୭ ଜଣ ସାମାନ୍ୟ ଆହତ ହୋଇଥିଲେ। କିନ୍ତୁ ଜୟପୁର ସଦରଥାନା ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥ ଦେଇ ଛତିଶଗଡ଼ ଓ ଆନ୍ଧ୍ରକୁ ହଜାରରୁ ଊର୍ଦ୍ଧ୍ୱ ଭାରୀଯାନ ସମେତ ଅନ୍ୟ ଗାଡ଼ିମୋଟ ଯାତାୟାତ କରିଥାଏ। ଏଭଳି ପ୍ରମୁଖ ଜାତୀୟ ରାଜପଥରେ ଦୁର୍ଘଟଣା ଅଧିକ ମାତ୍ରାରେ ଘଟିଥାଏ। ସେହିପରି ସଦରଥାନା ତଥ୍ୟ ଅନୁଯାୟୀ ୨୦୧୭ରେ ସମୁଦାୟ ୪୪ଟି ମାମଲା ଦୁର୍ଘଟଣାଜନିତ ରହିଥିଲା। ସେଥିରୁ ୫ ଜଣ ମହିଳାଙ୍କ ସମେତ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଭାବେ ୩୪ ଜଣ ଓ ୪୭ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୧୮ରେ ୩୨ଟି ମାମଲା ହୋଇଥିବା ବେଳେ ସେଥିରୁ ୨ଜଣ ମହିଳାଙ୍କ ସମେତ ୧୩ ଜଣଙ୍କ ମୃତ ହୋଇଥିଲା। ୧୯ ଜଣ ଗୁରୁତର ଓ ୩୯ ଜଣ ସାମାନ୍ୟ ଆହତ ହୋଇଥିଲେ। ୨୦୧୯ ଡିସେମ୍ବର ଶେଷ ସୁଦ୍ଧା ୩୧ଟି ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ସେଥିରୁ ଜଣେ ମହିଳାଙ୍କ ସମେତ ୧୩ ଜଣଙ୍କ ଜୀବନ ଯାଇଛି। ଗୁରୁତର ଭାବେ ୧୮ ଜଣ ଓ ୩୨ ଜଣ ସାମାନ୍ୟ ଆହତ ହୋଇଛନ୍ତି। କିନ୍ତୁ ସମସ୍ତ ମାମଲାର ତଦନ୍ତରେ ଚାଳକଙ୍କ ଭୁଲ ଯୋଗୁ ଏହି ଦୁର୍ଘଟଣା ଘଟିଥିବା ନେଇ ପୋଲିସ ତଦନ୍ତ ରିପୋର୍ଟରେ କହିଛି।

# ବିଏସ୍‌ଏଫ୍‌ର ଜନ ସମ୍ପର୍କ ଶିବିର

**ବୈପାରୀଗୁଡ଼ା,୨୪।୨(ଡି.ଏନ୍.ଏ.)**

ବିଏସ୍‌ଏଫ୍ ୧୫୧ ନଂ ବାଟାଲିୟନ ପକ୍ଷରୁ ସୋମବାର ଏକ ଜନ ସମ୍ପର୍କ ମେଳା ଆୟୋଜିତ ହୋଇଛି। କମାଣ୍ଡାଣ୍ଟ ଅଜୟ କୁମାର ଏହାକୁ ପରିଚାଳନା କରିଥିବା ବେଳେ ଅନ୍ୟ ଅଧିକାରୀମାନେ ସହଯୋଗ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈପାରୀଗୁଡ଼ା ସରପଞ୍ଚ ଭାଗିରଥି ମୁର୍ଜିଆ, ଚନ୍ଦ୍ରପଡ଼ା ସରପଞ୍ଚ ଅଭି ନାୟକ, ପୂଜାରୀଗୁଡ଼ା ସରପଞ୍ଚ ଦେବକୀ ପୂଜାରୀ ଓ କୋଲାର ସରପଞ୍ଚ ପ୍ରଭୁନନ୍ଦ ମୁଦୁଲି ଯୋଗ ଦେଇଥିଲେ। ଏହି ୩ଟି ପଞ୍ଚାୟତର ୬ଟି ବିଦ୍ୟାଳୟ ଓ ପିଲାଙ୍କୁ ପାଠ୍ୟ ଉପକରଣ ଓ ବିଦ୍ୟାଳୟଗୁଡ଼ିକୁ ଡଷ୍ଟବିନ, ବାଲତି ପ୍ରଦାନ କରାଯାଇଥିଲା। ୭ ଶହ ୭୯ ଜଣ ସାଧାରଣ ଲୋକଙ୍କୁ ବାସନ, ଶାଢ଼ି ଓ କମ୍ବଳ ବଣ୍ଟାଯାଇଥିଲା। ଏହି ଅବସରରେ ଚନ୍ଦ୍ରପଡ଼ା ବିଦ୍ୟାଳୟ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



ଛାତ୍ରୀଙ୍କୁ ଉପକରଣ ପ୍ରଦାନ କରୁଛନ୍ତି ବିଏସ୍‌ଏଫ୍‌ଅଧିକାରୀ ।

# ୩୪ ଅଭିଯୋଗ ଶୁଣିଲେ ଜିଲାପାଳ

**ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି**
- ୨୫ ବ୍ୟକ୍ତିଗତ
- ୯ ଗୋଷ୍ଠୀଗତ

**କୋଟପାଡ଼,୨୪।୨(ଡି.ଏନ୍.ଏ.)**

କୋଟପାଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ବିଡିଓ ଅଂଶୁମାନ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ୩୪ଟି ଅଭିଯୋଗ ଶୁଣିବା ସହ ତୁରନ୍ତ ପଦକ୍ଷେପ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୫ଟି ବ୍ୟକ୍ତିଗତ ଓ ୯ଟି ଗୋଷ୍ଠୀ ଅଭିଯୋଗର ଶୁଣାଣି କରାଯାଇଥିଲା। କୋଟପାଡ଼ ଅଞ୍ଚଳରେ ଜାତୀୟ ରାଜପଥର ଦୁଲପୁରସାହି ଓ କୁସୁମି ଛକ ମଧ୍ୟସ୍ଥ ରାସ୍ତାପାର୍ଶ୍ୱରେ ସରକାରୀ ଜମିକୁ ଜଣେ ବ୍ୟବସାୟୀ ଦଖଲ କରି ଘର କରିଛନ୍ତି। କିନ୍ତୁ ସେହି ଜମିକୁ ଏନଏସି ଭୂମିହୀନ କାର୍ଯ୍ୟକ୍ରମରେ ପଟ୍ଟା ଦେଇଥିବା କେତେକ ଯୁବକ ଅଭିଯୋଗ କରିଥିଲେ। ତହସିଲଦାରଙ୍କୁ ପୂର୍ବରୁ ଏନେଇ ଅବଗତ କରାଯାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏହି ଅଭିଯୋଗ ଶୁଣି ଏନଏସି ନିର୍ବାହୀ ଅଧିକାରୀ ତୁରନ୍ତ ଜମି ଖାଲି କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଡିଆରଡିଏ ପିଡି ପ୍ରବୀର ନାୟକ, ଏସ୍‌ପି ମୁକେଶ କୁମାର ଭାମୋ, ଜଳ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ରମେଶ ପାତ୍ର, ଅତିରିକ୍ତ ତହସିଲଦାର ସଞ୍ଜୀବ କୁଲୁ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ଏବିଓ ବିଚିତ୍ରାନନ୍ଦ ସେଠୀ ଉପସ୍ଥିତ ଥିଲେ।



ପ୍ରକୋଷ୍ଠରେ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି।

### ଗିର୍ଲା ହାଇସ୍କୁଲ ଛାତ୍ରାବାସ ପରିଚାଳନାରେ ଅନିୟମିତତା ଅଭିଯୋଗ

**ଚାନ୍ଦିଲି/କୋଟପାଡ଼,୨୪।୨(ଡି.ଏନ୍.ଏ.)**

କୋଟପାଡ଼ ବ୍ଲକ ଗିର୍ଲା ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ ଛାତ୍ରାବାସ ପରିଚାଳନାରେ ଅନିୟମିତତା ଅଭିଯୋଗ ଉଠାଇଛି ପରିଚାଳନା କମିଟି। ଉକ୍ତ ଛାତ୍ରାବାସରେ ୨୫୦ ଛାତ୍ର ଓ ଛାତ୍ରୀନିବାସରେ ୧୧୦ ଜଣ ଛାତ୍ରୀ ରହୁଛନ୍ତି। ଦୀର୍ଘ ଦିନ ହେବ ଅନ୍ତେବାସୀ ଛାତ୍ରୀଛାତ୍ର ନିମ୍ନମାନର ଖାଦ୍ୟ ଖାଉଥିବା ସହ ସେମାନଙ୍କୁ ଉଚିତ ଶିକ୍ଷାଦାନ କରାଯାଉ ନ ଥିବା କୁହାଯାଇଛି। ଅଭିଯୋଗ କଲେ ପିଲାଙ୍କୁ ହଷ୍ଟେଲରୁ ବାହାର କରିବା ଭୟ ଦେଖାଯାଉଥିବା ଅଭିଭାବକ କହିଛନ୍ତି। ଶିକ୍ଷକଙ୍କ ମନମୁଖୀ ବ୍ୟବହାରକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ମଙ୍ଗଳ ବିଭାଗ ଅଧିକାରୀଙ୍କୁ ଜଣେଇଥିଲା। କିନ୍ତୁ କିଛି ଫଳ ମିଳି ନ ଥିଲା। ଦୀର୍ଘ ଦିନ ଧରି ମଧ୍ୟାହ୍ନ ଭୋଜନ କେବଳ କାଗଜ କଲମରେ ଦେଖାଇ ବାଟ ମାରଣା କରାଯାଉଥିବା ଅଭିଯୋଗ ନେଇ କମିଟି ଓ ଅଭିଭାବକ ଗତଦିନରେ ଜିଲାପାଳଙ୍କୁ ଭେଟିଥିଲେ। ସୋମବାର ପୁଣି ଅଭିଯୋଗ ଶୁଣାଣିରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ବୈଦ୍ୟନାଥ ପୂଜାରୀ, ଜିଲା ପରିଷଦ ସଭ୍ୟା ଦୂରୁପୁତା ଭତରାଙ୍କ ସମେତ ଅନ୍ୟମାନେ ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି। ମନୋମୁଖୀ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତୁରନ୍ତ ବଦଳି ଶିକ୍ଷାଦାନର ସୁବ୍ୟବସ୍ଥା ନ କଲେ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯିବ ବୋଲି ଜିଲା ପରିଷଦ ସଭ୍ୟା ଦୂରୁପୁତା ଭତରା ଓ ପରିଚାଳନା କମିଟି ସଭାପତି ଗଣେଶ ମାଝୀ, ଖଗପତି ଚାଲାଣ, ରବି ବିଷୋୟୀ, ତପନ ପାଣିଗ୍ରାହୀ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଫେବୃୟାରୀ ୨୫ /୨୦୨୦ Rayagada, Tuesday, February 25/ 2020




# ପ୍ରତିବାଦ ଧାରଣାରେ ବସିଲା ବିଜେଡି

## ବି ସିଂହପୁର ପଞ୍ଚାୟତକୁ ପ୍ରଶାସନିକ ଅବହେଳା

**ବୋରିଗୁମ୍ମା,୨୪।୨(ଡି.ଏନ୍.ଏ.)**



ଧାରଣାରେ ବସିଛନ୍ତି ବିଜେଡି ନେତା ଓ କର୍ମୀ ।

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ବି ସିଂହପୁର ପଞ୍ଚାୟତକୁ ବ୍ଲକ ପ୍ରଶାସନ ସବୁବେଳେ ଅବହେଳା କରିଆସୁଛି। ଏହାର ପ୍ରତିବାଦରେ ବିଡିଓ ପ୍ରଣୟ ରଞ୍ଜନ ବେହେରାଙ୍କୁ ବ୍ଲକ ବିଜେଡି ୭ ଦଫା ଦାବିପତ୍ର ଦେଇଛି। ବ୍ଲକ ବିଜେଡି ସଭାପତି ବିବେକାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ସ୍ଥାନୀୟ ଡାକବଙ୍ଗଳାରୁ ଏକ ରାଲି ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଧାରଣା ସହ ସାଧାରଣ ସଭା ହୋଇଥିଲା। ଏଥିରେ କେସିସି ବ୍ୟାଙ୍କ ସଭାନେତ୍ରୀ ଇନ୍ଦିରା ନନ୍ଦ କହିଥିଲେ, ବି ସିଂହପୁର ପଞ୍ଚାୟତକୁ ବ୍ଲକ ପ୍ରଶାସନ ଅବହେଳା କରିଆସୁଛି। ପଞ୍ଚାୟତର ୪୦୦ରୁ ୫୦୦ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବେଦନ କରିଥିଲେ। କିନ୍ତୁ ପ୍ରଶାସନ ସେହି ହିତାଧିକାରୀଙ୍କ ନାମକୁ ପଞ୍ଜିକୃତ ନ କରି କାଟିଦେଇଛି। ପଞ୍ଚାୟତର ସର୍ବବୃହତ ନୀଳାମ୍ବର ସରୋବରକୁ ମହାବନ୍ଧ ଯୋଜନାରେ ସାମିଲ କରିବା ପାଇଁ ପଲ୍ଲିସଭାରେ ନିଷ୍ପତ୍ତି ହୋଇଥିଲା। ପର୍ଲିଆଗୁଡ଼ାରେ ପାନୀୟ ଜଳର ସମସ୍ୟା ଲାଗି ରହିଛି। ବି ସିଂହପୁର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଓ ଶିକ୍ଷକ ପଦବୀ ପୂରଣ ସହ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ମଧ୍ୟ ଦାବି ହୋଇଛି। ଦାବିପତ୍ର ଦେବା ସମୟରେ ବିଜେଡି କର୍ମୀ ଚିତ୍ରସେନ ମିଶ୍ର, ଏମ୍. ମଙ୍ଗାମା, ଜିଲା ପରିଷଦ ସଭ୍ୟ ଏଲ୍. ନାରାୟଣ ରାଓ, ଅନନ୍ତ ମିଶ୍ର, ଗୁପ୍ତ ଗନ୍ତାୟତ, ମକର ଅମନାତ୍ୟ, ଭଗବାନ ଅମନାତ୍ୟ, ବୋରିଗୁମ୍ମା ପଞ୍ଚାୟତ ସଭାପତି ନାଗା ରାଓ ଉପସ୍ଥିତ ଥିଲେ।

# ଖାଉଟି ଫୋରମରେ ବୀମା କମ୍ପାନୀ ଦଣ୍ଡିତ

**ଜୟପୁର,୨୪।୨(ଡି.ଏନ୍.ଏ.)**

ଜୟପୁରସ୍ଥିତ ଜିଲା ଖାଉଟି ଫୋରମ ଗୋଟିଏ ମାମଲାର ଶୁଣାଣି କରି ଜୀବନ ବୀମା କମ୍ପାନୀକୁ ଦଣ୍ଡିତ କରିଛନ୍ତି। ୩୦ ଦିନ ଭିତରେ ଅଭିଯୋଗକାରୀଙ୍କୁ ୧୫ ଲକ୍ଷ ୩୦ ହଜାର ଟଙ୍କା ବୀମାରାଶି, ଏହାର ଆବେଦନ ତାରିଖଠାରୁ ବାର୍ଷିକ ୯ ପ୍ରତିଶତ ସୁଧ ଓ ମାମଲା ପରିଚାଳନା ପାଇଁ ୫ ହଜାର ଟଙ୍କା ଦେବା ପାଇଁ ନିର୍ଦ୍ଦେଶ ହୋଇଛି। ଫୋରମ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସଦସ୍ୟା ନିବେଦିତା ରଥ ଓ ସଦସ୍ୟ ଜ୍ୟୋତିରଞ୍ଜନ ପୂଜାରୀ ଏହି ନିର୍ଦ୍ଦେଶ ଦେଇଛନ୍ତି।

ଜୟପୁର ସଦରଥାନା ପୁଟ୍ରା ଗ୍ରାମର ବିନୋଦିନୀ ମାଦଳା ଫୋରମ ନିକଟରେ କରିଥିବା ଆବେଦନ ଅନୁଯାୟୀ, ତାଙ୍କ ସ୍ୱାମୀ କ୍ଷେତ୍ରମୋହନ ମାଦଳାଙ୍କ ୨୦୧୫ ମେ ୮ରେ ହୃଦଘାତ ଯୋଗୁ ବିଶାଖାପାଟଣାର ଏକ ଡାକ୍ତରଖାନାରେ ମୃତ୍ୟୁ ହୋଇଥିଲା। ନୋମିନି ଭାବେ ସ୍ତ୍ରୀ ବିନୋଦିନୀ ବୀମାରାଶି ପାଇଁ ୨୦୧୮ ମେ ୧୫ରେ ଆବେଦନ କରିଥିଲେ। କ୍ଷେତ୍ରମୋହନ ୨୦୧୪ ଜୁଲାଇ ୨୦ରେ ପକ୍ଷଭୁକ୍ତ ବୀମା କମ୍ପାନୀରେ ବୀମାଧାରୀ ହୋଇଥିଲେ। ୨୦୧୨ରେ ସେ କୌଣସି ରୋଗ ପାଇଁ ୩ରୁ ୪ଦିନ ଯାଏ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଥିଲେ। କିନ୍ତୁ କମ୍ପାନୀ ବୀମାରାଶି ଦେବନାହିଁ ବୋଲି କହିଥିଲା। କ୍ଷେତ୍ରମୋହନଙ୍କ ହୃଦ୍‌ଘାତରେ ପ୍ରାକୃତିକ ମୃତ୍ୟୁ ହୋଇଥିଲା। ଏହାର ତଦନ୍ତ କରାଯାଇ ମୃତକଙ୍କ କୌଣସି ଦୁରାରୋଗ୍ୟ ନ ଥିବା ଯୋଗୁ ତାଙ୍କର ବୀମାରାଶି ପ୍ରଦାନ ପାଇଁ ରିପୋର୍ଟ ଦେଇଥିଲା ତଦନ୍ତକାରୀ ସଂସ୍ଥା। କିନ୍ତୁ ବୀମା କମ୍ପାନୀ ବୀମାରାଶି ଦେବା ପାଇଁ ପଦକ୍ଷେପ ନ ନେବାରୁ ବିନୋଦିନୀ ଖାଉଟି ଫୋରମର ଦ୍ୱାରସ୍ଥ ହୋଇଥିଲେ।

# ଅର୍ଥ ଅଭାବ, ଆଶାବାଡ଼ି ଆଶାରେ ଚନ୍ଦ୍ର

**ଦଶମନ୍ତପୁର,୨୪।୨(ଡି.ଏନ୍.ଏ.)**

ହ୍ୱିଲଚେୟାର ମିଳିଲା ; କିନ୍ତୁ ଆଶାବାଡ଼ି ଦେବାକୁ ଭୁଲିଗଲା ପ୍ରଶାସନ। ଭିନ୍ନକ୍ଷମ ହିତାଧିକାରୀ ଜଣକ ବାଧ୍ୟହୋଇ ତାହାକୁ ଉଦ୍ଧାରରେ ଆଣି କାମ ଚଳାଉଛନ୍ତି। ଦଶମନ୍ତପୁର ବ୍ଲକ ନନ୍ଦିଗାଁ ପଞ୍ଚାୟତ ଖରାଗୁଡ଼ା ଗ୍ରାମର ଜଣେ ଭିନ୍ନକ୍ଷମ ହେଲେ ଚନ୍ଦ୍ର ଗୌଡ଼ (୫୦)। ସ୍ତ୍ରୀ ସୁବର୍ଣ୍ଣ, ବଡ଼ଝିଅ ଡ଼ମ୍ବୁଣି (୧୩), ସାନଝିଅ ଉର୍ମିଳା (୧୧)ଙ୍କୁ ନେଇ ତାଙ୍କ ସଂସାର। ୨୦୧୬ରେ ଗାଁର ପାଇଖାନା ତିଆରିରେ ମିସ୍ତ୍ରି ଭାବେ କାମ କରୁଥିବା ବେଳେ ଉପରୁ ଖସିପଡ଼ିଥିଲେ। ତାଙ୍କ ଅଣ୍ଟା ମାଡ଼ ହୋଇ ଆସ୍ତେଆସ୍ତେ ଅକାମି ହୋଇଗଲା। କୋରାପୁଟରେ ଡାକ୍ତରଙ୍କୁ ଦେଖାଇ ମଧ୍ୟ ସୁଫଳ ମିଳି ନ ଥିଲା। ପକ୍ଷାଘାତ ପରେ ଚଲାବୁଲା କରିପାରିଲେ ନାହିଁ ଚନ୍ଦ୍ର। ଆବେଦନ କରିବା ପରେ ତାଙ୍କୁ ଗତ ୧୯ ଜାନୁୟାରୀ ୨୦୧୯ରେ ଭିନ୍ନକ୍ଷମ ଭତ୍ତା ସାଙ୍ଗକୁ ହ୍ୱିଲ ଚେୟାର ମିଳିଥିଲା। କିନ୍ତୁ ପ୍ରଶାସନ ଆଶାବାଡ଼ି ନ ଦେବାରୁ ବାଧ୍ୟହୋଇ ଚନ୍ଦ୍ର ସୁନାବେଡ଼ାରେ ଥିବା ସମ୍ପର୍କୀୟ ଦୈତାରୀ ହନ୍ତାଳଙ୍କଠାରୁ ବର୍ଷେ ହେବ ଉଦ୍ଧାରରେ ଆଶାବାଡ଼ିଟି ବହୁ କଷ୍ଟରେ ଚଲାବୁଲା କରୁଛନ୍ତି। ଦୈତାରୀଙ୍କର ମଧ୍ୟ ଗୋଡ଼ରେ ରଡ୍ ଲାଗିଛି। ରଡ୍ କଢ଼ାଯିବା ପରେ ଆଶାବାଡ଼ିଟି ଫେରାଇଦେବାକୁ ସେ କହିବା ପରେ ଚନ୍ଦ୍ରଙ୍କ ଚିନ୍ତା ବଢ଼ିଯାଇଛି। ଅର୍ଥ ଅଭାବ ବେଳେ ୫୦୦ ଟଙ୍କା ଭତ୍ତା, ୩୫ କେଜି ଚାଉଳରେ ହିଁ ତାଙ୍କ ପରିବାର ଚଳୁଛି। ଅଷ୍ଟମ ଶ୍ରେଣୀରୁ ବଡ଼ଝିଅର ପାଠପଢ଼ାରେ ଡୋରି ଲାଗିଲା। ଏକମାତ୍ର ରୋଜଗାରିଆ ସଦସ୍ୟ ଭିନ୍ନକ୍ଷମ ପାଲଟିବା ପରେ ପରିବାର ଏବେ ବହୁ ସମସ୍ୟା ଦେଇ ଗତି କରୁଛି। ପ୍ରଶାସନ ତାଙ୍କୁ ଆଶାବାଡ଼ି ଯୋଗାଇବା ସହ ଅନ୍ୟ ସରକାରୀ ସୁବିଧା ଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
-ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### କପିକରି ଧରାପଡ଼ିଲେ ୬

ରାୟଗଡା ଅଫିସ, ୨୪।୨: ମାଟ୍ରିକ ପରୀକ୍ଷାରେ କପି କରି ରାୟଗଡା ଜିଲାରେ ସୋମବାର ୬ ଜଣ ଛାତ୍ରୀଛାତ୍ର ଧରାପଡିଛନ୍ତି। ହାଟ ମୁନିଗୁଡା ବାଳିକା ଉଚ୍ଚ ବିଦ୍ୟାଳୟରେ ୩, ଏସ୍ଆର୍ସିଏସ୍ ହାଇସ୍କୁଲରେ ଜଣେ, ହାଟ ଶେଷଖାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ , ଜେମାଦେଇପେଣ୍ଠ କଳିଙ୍ଗ ଉଚ୍ଚ ବିଦ୍ୟାଳୟରୁ ଜଣେ କପି କରି ଧରାପଡ଼ିଛନ୍ତି ।

### ଯବାନଙ୍କ ଆତ୍ମହତ୍ୟା ଉଦ୍ୟମ

ରାୟଗଡ଼ା ଅଫିସ ,୨୪।୨: ସିଆରପିଏଫ ୪ର୍ଥ ବାଟାଲିୟନର ଜଣେ ଯବାନ ନିଜ ଦେହରେ ଛୁରି ଭୁସି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ସେ ହେଲେ ବିଜୟ ପାଲ ସିଂ । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି । ନିଜର ମାନସିକ ଅସ୍ଥିରତା ଯୋଗୁ ସେ ଏପରି କରିଥିବା ଜଣାଯାଇଛି ।

### ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା ଘଟଣା, ୩ ଗିରଫ

ରାୟଗଡ଼ା ଅଫିସ ,୨୪।୨: ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ବାଲାପାଡୁ ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ଘାଷି ମିଣିଆକା ହତ୍ୟା ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ବାବାରାଓ ମିଣିଆକା , ତାଙ୍କ ସମ୍ପର୍କୀୟ ଭଣଜା ମାସିହା ହିମିରିକା , ସମ୍ପର୍କୀୟ ଭାଇ କମଟି ମିଣିଆକା । ଉକ୍ତ ୩ ଜଣଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ । ସୂଚନାଯୋଗ୍ୟ ଯେ, କିଛି ଦିନ ତଳେ ଉକ୍ତ ଗ୍ରାମର ଜଣେ ବୃଦ୍ଧ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ । ଘାସି ଗୁଣି ଗାରେଡ଼ି କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ବୃଦ୍ଧଙ୍କ ପରିବାର ଲୋକେ ସନ୍ଦେହ କରିଥିଲେ । ଏଥିରେ ପ୍ରତିଶୋଧ ପରାୟଣ ହୋଇ ବୃଦ୍ଧଙ୍କ ପୁଅ ଯୋଜନା କରିଥିଲେ । ଗତ ଶୁକ୍ରବାର ରାତିରେ ଜମିରେ କରିଥିବା କୁଡ଼ିଆରେ ଘାସି ଶୋଇଥିବା ବେଳେ ବାବାରାଓ,ମାସିହା ଓ କମିଟି ମିଶି ଲୁହା ରଡ଼ରେ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା ।

### ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ନିଯୁକ୍ତ

ଗୁଣପୁର,୨୪।୨(ଡି.ଏନ.ଏ)-ରାୟଗଡା ଜିଲା ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାବେ ଅନ୍ତର୍ଯାମୀ କହଁରଙ୍କୁ ନିଯୁକ୍ତି ଦିଆଯାଇଛି । ସେ ଗଜପତି ଜିଲା ଆର ଉଦୟଗିରି ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଥିଲେ । ସେ ପଦୋନ୍ନତି ପାଇ ଗୁଣପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି । ତାଙ୍କ ସ୍ଥାନରେ ଥିବା ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତ ପଦୋନ୍ନତି ପାଇ ଗଜପତି ଜିଲା ଆଇଟିଡିଏକୁ ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି ।

# ରାୟଗଡ଼ାରେ ନାହିଁ ବର୍ଣ୍ଣିଂ ୱାର୍ଡ଼

ରାୟଗଡ଼ା ଅଫିସ ,୨୪।୨




**ଜିଲା ମୁଖ୍ୟ ଚିକିତ୍ସାଳୟ**
- ରୋଗୀ ବ୍ରହ୍ମପୁର, କୋରାପୁଟ ସ୍ଥାନାନ୍ତର
- ବର୍ଷକୁ ଆସୁଛନ୍ତି ୨ ଶହରୁ ଊର୍ଦ୍ଧ୍ୱ ରୋଗୀ
- ନାହିଁ ସ୍ୱତନ୍ତ୍ର ଆମ୍ବୁଲାନ୍ସର ବ୍ୟବସ୍ଥା

ରାୟଗଡ଼ା ସହରରେ ରହିଛି ଜିଲା ମୁଖ୍ୟ ଚିକିତ୍ସାଳୟ । ଏହି ଚିକିତ୍ସାଳୟ ଉପରେ ରାୟଗଡ଼ା ସମେତ ଆଖପାଖ ଜିଲା ଓ ପଡ଼ୋଶୀ ଆନ୍ଧ୍ରରୁ ବହୁ ରୋଗୀ ଆସିଥାନ୍ତି । ହେଲେ ଏଠାରେ ଆବଶ୍ୟକ ଚିକିତ୍ସାର ଭିତ୍ତିଭୂମି ବର୍ତ୍ତମାନ ସୁଦ୍ଧା ଉନ୍ନତି ହୋଇପାରିନାହିଁ । ନିଆଁରେ ପୋଡ଼ି ହୋଇ ଆସୁଥିବା ରୋଗୀଙ୍କ ପାଇଁ ଆଇସୋଲେଟେଡ଼ ବର୍ଣ୍ଣିଂ ୱାର୍ଡ଼ର ବ୍ୟବସ୍ଥା ନାହିଁ । ଫଳରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ କେହି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

ଏହି ଚିକିତ୍ସାଳୟକୁ ବର୍ଷକୁ ପ୍ରାୟ ୨୦୦ ଜଣ ନିଆଁରେ ପୋଡ଼ି ହୋଇ ଆସୁଥିବା ଜଣାପଡ଼ିଛି । ଏଠାକୁ ଆସୁଥିବା ରୋଗୀଙ୍କୁ ଆଶୁ ଚିକିତ୍ସା ପରେ ସଙ୍ଗେ ସଙ୍ଗେ ବ୍ରହ୍ମପୁର ବା କୋରାପୁଟ ଚିକିତ୍ସାଳୟକୁ ପଠାଇ ଦିଆଯାଉଛି । ସେଠାରେ ମଧ୍ୟ ସମସ୍ତ ସୁବିଧା ନ ଥିବାରୁ କଟକ ବା ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଛି । ଏମିତି କି ୫୦ ପ୍ରତିଶତରୁ ଅଧିକ ପୋଡ଼ି ହୋଇ ଯାଇଥିଲେ ରୋଗୀ ଉଚିତ୍ ସେବା ନ ପାଇ ମୃତ୍ୟୁବରଣ କରୁଥିବା ନଜିର ରହିଛି । ନିଆଁରେ ପୋଡ଼ି ହୋଇ ଆସୁଥିବା ରୋଗୀଙ୍କୁ ଆଇସୋଲେଟେଡ଼ ବର୍ଣ୍ଣିଂ ୱାର୍ଡ଼ରେ ରଖାଯିବା କଥା । ହେଲେ ଜିଲା ଚିକିତ୍ସାଳୟରେ ଏହି ୱାର୍ଡ଼ର ବ୍ୟବସ୍ଥା ନାହିଁ । ସେହିପରି ଶୀତତାପ ନିୟନ୍ତ୍ରିତର ମଧ୍ୟ ସୁବିଧା ନାହିଁ । ଏଥିସହ ମଶାରି ଓ ସମସ୍ତ ପ୍ରକାରର ସଂକ୍ରମଣରୁ ପୋଡ଼ି ଯାଇଥିବା ରୋଗୀଙ୍କୁ ଦୂରେଇ ରଖାଯାଏ । ତାହା ମଧ୍ୟ ଏଠାରେ ମିଳି ନ ଥାଏ ରୋଗୀଙ୍କୁ । ଏପରିକି ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ସ୍ୱତନ୍ତ୍ର ଆମ୍ବୁଲାନ୍ସର ମଧ୍ୟ ବ୍ୟବସ୍ଥା ନାହିଁ । ଫଳରେ ଲୋକେ ଅସୁବିଧା ଭୋଗୁଛନ୍ତି । ଏ ନେଇ ସିଡ଼ିଏମଓ ଆର୍ତ୍ତବନ୍ଧୁ ନାୟକଙ୍କୁ ପଚାରିବାରୁ, ପୋଡ଼ିଯାଇଥିବା ରୋଗୀଙ୍କୁ ପ୍ରଥମେ ସର୍ଜରି ୱାର୍ଡ଼ରେ ଭର୍ତ୍ତି କରାଯାଉଛି । ଆବଶ୍ୟକ ମୁତାବକ କୋରାପୁଟ , ବ୍ରହ୍ମପୁର ଓ କଟକ ରେଫର କରାଯାଉଛି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଇସୋଲେଟେଡ଼ ବର୍ଣ୍ଣ ୱାର୍ଡ଼ ତୁରନ୍ତ କରାଯିବ ବୋଲି ସେ କହିଛନ୍ତି ।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପିମ୍ପୁଡ଼ି ଦୁଧ**
**ଯା ଖାଇଲେ ଛାଡ଼ଇ ନିଦ ।**

ବେଳେବେଳେ କ୍ଷୀରରେ ପିମ୍ପୁଡ଼ି ଲାଗିଯାଉଥିବାର ଦେଖିବାକୁ ମିଳିଥାଏ । ଏପରି ପିମ୍ପୁଡ଼ି ମିଶା କ୍ଷୀର ପିଇଲେ ନିଦ ଛାଡ଼ିଯାଉଥିବା ନେଇ ଲୋକ ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ପାଣି ପିଇବ ଛାଣି**
**ପଇସା ନେବ ଗଣି**
**କଥା କହିବ ଜିଣି**
**ଦୁଃଖୀ ଲୋକକୁ ନୋହିବ ଟାଣି**
**ସଖୀ ଗୋ, ଭଲ ଏ ।**

ପାଣିକୁ ଛାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ହୋଇଥାଏ । ଟଙ୍କା ପଇସା ଗଣି ନେଲେ ମନରୁ ସବୁ ସନ୍ଦେହ ଦୂର ହୋଇଯାଏ । କଥାକୁ ଠିକ୍ଭାବେ ରଙ୍ଗେଇ ମଜେଇ କହି ପାରିଲେ ଅକ୍ଲେଶରେ ଅନ୍ୟର ମନକୁ ଜିଣିହୁଏ । ସେହିପରି ଦୁଃଖ ଅଭାବରେ ରହୁଥିବା ଲୋକଙ୍କୁ ମନରେ କଷ୍ଟ ହେବା ଭଳି ଟାଣ କରି କଥା ନ କହି କୋମଳଭାବ ପୋଷଣ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟ ପଦାକୁ ଆସିବ:ଏସ୍ପି

ରାୟଗଡ଼ା ଅଫିସ ,୨୪।୨

**ଯବାନଙ୍କ କଙ୍କାଳ ଉଦ୍ଧାର ଘଟଣା**
- ଏସ୍ପିଙ୍କୁ ଭେଟିଲେ ଯବାନଙ୍କ ପୁଅ



ରାୟଗଡ଼ାର ରଇତ କଲୋନୀସ୍ଥିତ ନୂଆସାହି କିଣକିଣ ପାହାଡ଼ ନିକଟରୁ ରବିବାର ଟାଉନ ଥାନା ପୋଲିସ ଯବାନ ଧରମ ଦେବଙ୍କ କଙ୍କାଳକୁ ଉଦ୍ଧାର କରିଥିଲା । ଯବାନଙ୍କ ପୁଅ ଉତ୍ତରପ୍ରଦେଶରୁ ଆସି ସୋମବାର ଏସ୍ପି ଶ୍ରବଣ ବିବେକ ଏମ୍.ଙ୍କୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି । ଅନ୍ୟପକ୍ଷରେ ଏସପି କହିଛନ୍ତି ଯେ, ଜବତ ନର କଙ୍କାଳକୁ ଆମେ ବ୍ୟବଚ୍ଛେଦ ପାଇଁ ପଠାଇଛୁ । ରିପୋର୍ଟ ଆସିବା ପରେ ସତ୍ୟ ପଦାକୁ ଆସିବ । ବର୍ତ୍ତମାନ କାରଣ ଅସ୍ପଷ୍ଟ ରହିଛି । ଘଟଣାସ୍ଥଳରୁ ଉଦ୍ଧାର ବ୍ୟାଗରୁ ମିଳିଥିବା ମୋବାଇଲ ଫୋନ ସହ ଅନ୍ୟାନ୍ୟ ସାମଗ୍ରୀକୁ ନେଇ ତଦନ୍ତ ଚାଲିଛି । ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ଯେ, ଯବାନ ଧରମ ଦେବ ମାଓବାଦୀ ପ୍ରବଣ ରାୟଗଡ଼ା ଜିଲା ଶେଷଖାଲ ଥାନା ଅନ୍ତର୍ଗତ ସିଆରପିଏଫ କ୍ୟାମ୍ପରେ କାର୍ଯ୍ୟରତ ଥିଲେ । ତାଙ୍କର ଦିଲ୍ଲୀ ବଦଳି ହୋଇଥିଲା । ତେଣୁ ସେ ଡିସେମ୍ବର ୨୯ରେ ଦିଲ୍ଲୀ ଯିବା ଲାଗି ଶେଷଖାଲରୁ ରାୟଗଡ଼ା ବସଷ୍ଟାଣ୍ଡକୁ ଯାଇଥିଲେ । ସେଠାରୁ ସେ ଷ୍ଟେଶନ ଯାଇ ଦିଲ୍ଲୀ ଯାତ୍ରା କରିଥାନ୍ତେ । କିନ୍ତୁ ହଠାତ୍ ବସଷ୍ଟାଣ୍ଡରୁ ସେ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ । ସିଆରପିଏଫ୍ ୪ର୍ଥ ବାଟାଲିୟନ ତାଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା । ବାଧହୋଇ ଥାନାରେ ଏତଲା ଦେବା ସହ ତାଙ୍କ ପରିବାର ଲୋକଙ୍କୁ ମଧ୍ୟ ସେ ନିଖୋଜ ଥିବା ନେଇ ଜଣାଯାଇଥିଲା । ରାୟଗଡ଼ା ଟାଉନ ଥାନା ପୋଲିସ ଏନେଇ କେସ୍ ନଂ. ୧/୨୦ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ରବିବାର କିଣକିଣ ପାହାଡ଼ରେ ଏକ କଙ୍କାଳ ଉଦ୍ଧାର କରାଯାଇଥିଲା । ସେଠାରୁ ଗୋଟିଏ ବ୍ୟାଗ୍ରୁ ନିଖୋଜ ଥିବା ଯବାନ ଧରମ ଦେବଙ୍କ ଆଇଡି କାର୍ଡ଼, ୟୁନିଫର୍ମ ଓ ଆଧାରକାର୍ଡ଼ ଜବତ କରିଥିଲା ।

### ୨୪୦ ଲିଟର ଦେଶୀ ମଦ ଜବତ, ଜଣେ ଗିରଫ

ରାୟଗଡ଼ା ଅଫିସ, ୨୪।୨

ରାୟଗଡ଼ା ସଦର ଥାନା ଅନ୍ତର୍ଗତ କୋଟଲାଗୁଡ଼ା ତାରିଣୀ ମନ୍ଦିର ସମ୍ମୁଖ ଦେଇ ଯାଇଥିବା ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ଅଟୋରୁ ୨୪୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏଥିସହ ମଦ ନେଇ ଯାଉଥିବା ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେ ହେଲେ ଟିକିରିର କାଳିଆପଡ଼ାର ସୁଦର୍ଶନ ନାୟକ (୨୫) । ସେ ଏହି ମଦକୁ କୋଟଲାଗୁଡ଼ାରୁ ରାୟଗଡ଼ା ଅଭିମୁଖେ ନେଉଥିବା ଜଣାଯାଇଛି । ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧିକ୍ଷକ ଦଣ୍ଡପାଣି ବେହେରାଙ୍କ ତତ୍ତ୍ୱାବଧାନରେ ସଦର ଅବକାରୀ ଥାନା ଅଧିକାରୀ ପାଟ୍ରୋଲିଂ କରୁଥିବା ସମୟରେ ସୁଦର୍ଶନ ଏକ ଅଟୋ (ନମ୍ବର ଓଡ଼ି -୧୮-ଏଫ-୮୧୧୦) ରେ ବେଆଇନ ଭାବେ ଦେଶୀ ରନ୍ଧା ମଦ ନେଉଥିବା ଦେଖି ତାଙ୍କୁ ଗିରଫ କରିଥିଲେ । ରାୟଗଡ଼ା ଅବକାରୀ ଥାନା ଅଧିକାରୀ ସୂର୍ଯ୍ୟ ନାରାୟଣ ରଥ, ଅବକାରୀ ଏଏସ୍ଆଇ ତିରୁପତି ପଟ୍ଟନାୟକ ଏବଂ ନିମାଇଁ ଚରଣ ମିଶ୍ର, ଭବାନୀ ଶଙ୍କର ତ୍ରିପାଠୀ , ଘନଶ୍ୟାମ ବେହେରା , ଶୁସାନ୍ତ କୁମାର ପାତ୍ର ପ୍ରମୁଖ ଏହି ଚଢାଉରେ ସାମିଲ ହୋଇଥିଲେ ।



ଜବତ ମଦ ଓ ଗିରଫ ଅଭିଯୁକ୍ତ ।

### ଦତପନ୍ତ ଠେଙ୍ଗଡ଼ିନ୍ଙ୍କ ଜନ୍ମ ବାର୍ଷିକୀ ପାଳିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ରାୟଗଡ଼ା ଅଫିସ ,୨୪।୨

ଭାରତୀୟ ମଜଦୁର ସଂଘ ପ୍ରତିଷ୍ଠାତା ଦତପନ୍ତ ଠେଙ୍ଗଡ଼ିଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ସ୍ଥାନୀୟ ରେଲୱେସ୍ଥିତ ଶିରିଡ଼ି ସାଇ ମନ୍ଦିର ପଡ଼ିଆଠାରେ ସୋମବାର ପାଳିତ ହୋଇଯାଇଛି । ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଠେଙ୍ଗଡ଼ିଙ୍କ ସ୍ମୃତିଚାରଣ କରିଥିଲେ । ଭାରତୀୟ ମଜଦୁର ସଂଘ, ଭାରତୀୟ କିଶାନ ସଂଘ, ସାମାଜିତ ସମର ସତା ମଞ୍ଚ , ଶର୍ବ ପନ୍ଥ ମଞ୍ଚ , ସ୍ୱଦେଶୀ ଜାଗରଣ ମଞ୍ଚର ସଂସ୍ଥାପକ ହୋଇ ଦେଶର ଦଳିତ , ନିଷ୍ପେଷିତ , ନିରୀହ ଶ୍ରେଣୀର ଶ୍ରମିକମାନଙ୍କୁ ଏକତ୍ରିତ କରି ଦେଶ ସଂଗଠନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ଶ୍ରମିକମାନଙ୍କ ସ୍ୱାର୍ଥ ପାଇଁ ନିଜକୁ ଜୀବନସାରା ସଂଗଠନରେ ସମର୍ପିତ କରିଥିଲେ । ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୧୦ ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିସ ୱାର୍କର୍ସ ଆସୋସିଏଶନ , ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘ , ଓଡ଼ିଶା ରାଜ୍ୟ ଆଶା ସାଥୀ ସଂଘ , ଓଡ଼ିଶା ରାଜ୍ୟ ସ୍ୱାବଲମ୍ବୀ କାରୀଗର ସଂଘ ଆଦି ସଂଘଗୁଡ଼ିକର ମୋଟ ୨୨୦ ରୁ ଊର୍ଦ୍ଧ୍ୱ କର୍ମୀମାନେ ଉପସ୍ଥିତ ଥିଲେ । ଭାରତୀୟ ମଜଦୁର ସଂଘ ଜିଲା ଉପସଭାପତି ମହାନ ରାଓ ମାଝି, ଭାରତୀୟ ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ସିଂ, କୋଷାଧ୍ୟକ୍ଷ ଉଷାରାଣୀ ଦାସ , ଜୟନ୍ତୀ ପଦ୍ମାଳୟ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ପୋଡ଼ି ହୋଇ ୨ ଗୁରୁତରଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ଗୁଣପୁର/ପାରଳାଖେମୁଣ୍ଡି, ୨୪।୨(ଡି.ଏନ୍.ଏ./ସ୍ୱ.ପ୍ର.)

**ପରକୀୟା ପ୍ରୀତି ସନ୍ଦେହ**

ରାୟଗଡ଼ା ଜିଲା ଗୁଣପୁର ସହର ନିକଟ ଏସ୍ପିଗୁଡ଼ାଠାରେ ରବିବାର ରାତିରେ ଜଣେ ମହିଳା ଏବଂ ଅନ୍ୟଜଣେ ପୁରୁଷ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ଗୁରୁତର ଅବସ୍ଥାରେ ଉଭୟଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଅବସ୍ଥା ସଙ୍ଗୀନ ଥିବାରୁ ସୋମବାର ଦୁହିଁଙ୍କୁ ବ୍ରହ୍ମପୁର ବଡ଼ମେଡିକାଲକୁ ପଠାଇ ଦିଆଯାଇଛି । ଏସ୍ପିଗୁଡ଼ା ଅଞ୍ଚଳର ପିଙ୍କି ଶବର(୩୦)ଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିବାବେଳେ ଗୁଣପୁର ଅଞ୍ଚଳର ଜି. ରାମାରାଓ(୩୫)ଙ୍କ ୮୦ ପ୍ରତିଶତ ପୋଡ଼ିଯାଇଛି । ପରକିୟା ପ୍ରୀତିରୁ ଦୁହେଁ ଏପରି କାଣ୍ଡ ଘଟାଇଥିବା ପୋଲିସ ସନ୍ଦେହ କରୁଥିବାବେଳେ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଗୁଣପୁର,୨୪।୨(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ସହର ବେଲ ହଷ୍ଟେଲ ସମ୍ମୁଖ ତଥା ପୁରୁଣା ଷ୍ଟେଟ ବ୍ୟାଙ୍କ ସାହିରେ ରହୁଥିବା ପୂର୍ବତନ ବ୍ୟାଙ୍କ କର୍ମଚାରୀ ଟି.ସୁବ୍ରମନ୍ୟମଙ୍କ ଘରେ କେତେଜଣ ଦୁର୍ବୃତ୍ତ ପଶି ଚୋରି କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ ଟି.ସୁବ୍ରମନ୍ୟମଙ୍କ ମା'ଙ୍କ ଦେହାନ୍ତ ହୋଇ ଯାଇଥିବାରୁ ସେ ଭୁବନେଶ୍ୱର ଯାଇଥିଲେ । ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଦାଣ୍ଡ ପଟ କବାଟ ଭାଙ୍ଗି ଘରେ ପଶିଥିଲେ । ସାହି ଲୋକେ ଏହା ଜାଣିପାରି ଟି.ସୁବ୍ରମନ୍ୟମଙ୍କୁ ଖବର ଦେଇଥିଲେ । ସେ ସୋମବାର ସନ୍ଧ୍ୟାରେ ଘରକୁ ଆସି ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । କ'ଣ ଚୋରି ହୋଇଛି ତାହା ସଠିକଭାବେ ଏଯାଏ ଜଣାପଡିନାହିଁ । ପ୍ରାଥମିକଭାବେ ଏକ ମୋବାଇଲ, ସୁନା ଚେନ ଚୋରି ହୋଇଥିବା ସୂଚନା ମିଳିଛି ।

# କାଟିକଣା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ

କୋଲନରା,୨୪।୨(ଡି.ଏନ୍.ଏ.)

କୋଲନରା ବ୍ଲକ କାଟିକଣା ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋଲନରା ବିଡିଓ ତାପସ ଭୋଇ, ଏବିଡିଓ କେ. ଶିବ ଗୋପାଳରାଓ, ବିଏସ୍ଏସ୍ଓ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ, କୋଲନରା ସହକାରୀ କୃଷି ଅଧିକାରୀ ସୁରଭୀ ମହାପାତ୍ର, କାଟିକଣା ସରପଞ୍ଚ ସାରସା ମାଣ୍ଡାଙ୍ଗି, ଭୋଇମଡା ମହିଳା ଗ୍ରାମ୍ୟ କୃଷି କର୍ମଚାରୀ ମଧୁସ୍ମିତା ରତ୍ନାଲୁ, ଭୋଇମଡା ସିଆରସିସି ଯୁଧିଷ୍ଠିର ମୁଟୁକା, କାଟିକଣା ଆର୍ଆଇ ନମିତା ରାଣୀ ଗମାଙ୍ଗ, 'ପ୍ରଦାନ' ଏନ୍ଜିଓର ବ୍ରଜ କିଶୋର ଦାସ, ଆରଡବ୍ଲ୍ୟୁଏସ୍ଏସ୍ ଜେଇ ସୁବାସ ରଥ, ଆରଡବ୍ଲ୍ୟୁଏସ୍ଏସ୍ ଏଇଇ ରିତେସ୍ ସାହୁ, ପିଇଓ ମନୋରଞ୍ଜନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୩ଟି ଅଭିଯୋଗର ଶୁଣାଣି ହୋଇଥିଲା । ଏସ୍ଏଚ୍ଜିଙ୍କଠାରୁ ୯ଟି ଇନ୍ସ୍ୟୁରାନ୍ସ ଫର୍ମ ସଂଗ୍ରହ କରାଯାଇଛି । ୭୧ଟି ଗୃହ ପାଳିତ ପ୍ରାଣୀଙ୍କୁ ଔଷଧ ଦିଆଯାଇଥିବା ବେଳେ ଆରବିଏସ୍କେ ଦ୍ୱାରା ୯୧ ଜଣ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ବ୍ଲକ ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଓ ଗୋଟିଏ ବିଦ୍ୟାଳୟ ପରିଦର୍ଶନ କରିଥିଲେ ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ ।

# ଗୁଣପୁର-ଥେରୁବାଲି ରେଳପଥ ପଦ୍ମପୁର ଦେଇ ଯିବାକୁ ଦାବି

ପଦ୍ମପୁର, ୨୪।୨(ଡି.ଏନ୍.ଏ.)

**ପଦ୍ମପୁରରେ ସର୍ବଦଳୀୟ ବୈଠକ**




ବୈଠକରେ ଲୋକପ୍ରତିନିଧି ଓ ଅନ୍ୟମାନେ ।

ଦଳଗତ ନିର୍ବିଶେଷରେ ସୋମବାର ପଦ୍ମପୁର ଦୋଳ ଯାତ୍ରା ମଣ୍ଡପରେ ଏକ ବୈଠକ କରାଯାଇଛି । ଏଥିରେ ପଦ୍ମପୁର ଓ ଏହାର ଆଖପାଖ ଅଞ୍ଚଳର ଲୋକପ୍ରତିନିଧି, ଦକ୍ଷିଣ ଓଡିଶା ବିକାଶ ପରିଷଦ ଓ ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଗୁଣପୁର-ଥେରୁବାଲି ପ୍ରସ୍ତାବିତ ନୂତନ ରେଳପଥ ନିମନ୍ତେ ସବୁଜ ସଙ୍କେତ ମିଳିବା ପରେ ଏହି ରେଳପଥ ପଦ୍ମପୁର ଦେଇ ଯିବା ପାଇଁ ବୈଠକରେ ଦାବି କରାଯାଇଛି ।

ନୂଆପଡା-ଗୁଣପୁର ରେଳ ଲାଇନକୁ ଥେରୁବାଲି ଯାଏ ସମ୍ପ୍ରସାରଣ କରିବା ଦୀର୍ଘ ୪୭ବର୍ଷର ଦାବି । ୨୦୧୭-୧୮ ବଜେଟରେ କେନ୍ଦ୍ର ସରକାର ଉକ୍ତ ରେଳପଥ ନିର୍ମାଣ ନିମନ୍ତେ ଘୋଷଣା କରିଥିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ପାଣ୍ଠି ମଞ୍ଜୁର ହେଉ ନଥିବାରୁ ଅଗ୍ରଗତି ମନ୍ଥର ହେବ ବୋଲି ବୈଠକରେ ଆଲୋଚନା ହୋଇଥିଲା । ରାୟଗଡା ଜିଲାକୁ ଦକ୍ଷିଣାଞ୍ଚଳର ଶିଳ୍ପ କରିଡର କରିବାକୁ ତତ୍କାଳୀନ ସରକାର ସିଙ୍ଗାପୁର ରୋଡରୁ ଗୋପାଳପୁର ବନ୍ଦରକୁ ରେଳ ସଂଯୋଗୀକରଣ କରିବା ସକାଶେ ବଜେଟରେ ଘୋଷଣା କରିଥିଲେ । ଏହି ରେଳପଥକୁ ରାୟଗଡା ଜିଲାର ପଦ୍ମପୁର, ରାମନାଗୁଡା ଓ ବାଙ୍କିଲି ଦେଇ ଗୋପାଳପୁର ବନ୍ଦରକୁ ସଂଯୋଗ କରିବାକୁ ବୈଠକରେ ଦାବି ହୋଇଛି । ଏହି ରୁଟ୍ରେ ରେଳ ଚଳାଚଳ ହେଲେ ଅଞ୍ଚଳର ଆର୍ଥିକ ଅଭିବୃଦ୍ଧି ହେବ ବୋଲି ଆଲୋଚନା ହୋଇଛି । କୋରାପୁଟ ଏମ୍ପି ସପ୍ତଗିରି ଉଲ୍ଲାକା, ଆସିକା ଏମ୍ପି ପ୍ରମିଳା ବିଶୋଇ, ବ୍ରହ୍ମପୁର ଏମ୍ପି ଚନ୍ଦ୍ରଶେଖର ସାହୁ ଓ ନବରଙ୍ଗପୁର ଏମ୍ପି ରମେଶ ଚନ୍ଦ୍ର ମାଝିଙ୍କୁ ସ୍ମାରକପତ୍ର ଦେଇ ଏହି ଦାବି ସମ୍ପର୍କରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି । ଗୁଣପୁର-ଥେରୁବାଲି ରେଳ ଲାଇନ ପ୍ରସ୍ତାବିତ କାର୍ଯ୍ୟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେମାନଙ୍କୁ ଅବଗତ କରାଯିବ ବୋଲି କୁହାଯାଇଛି । ରାୟଗଡା ଜିଲାର ପଦ୍ମପୁର, ରାମନାଗୁଡା, ବାଙ୍କିଲି ଓ ସିଙ୍ଗାପୁରରୋଡ ଯାଏ ଧାର୍ଯ୍ୟ ୭୯.୯କିମି ରେଳପଥ ସମ୍ପ୍ରସାରଣ କରି ୮୩ କି.ମି.କୁ ବୃଦ୍ଧି କରିବାକୁ ପୂର୍ବରୁ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ରେଳ ପ୍ରବନ୍ଧକ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଛି । ଗତବର୍ଷ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହାକୁ ବିଚାରକୁ ନିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟକାରୀ ହୋଇନି ବୋଲି ବୈଠକରେ ଆଲୋଚନା ହୋଇଥିଲା । ରମେଶ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ରଘୁନାଥ ଚୌଧୁରୀ, ତ୍ରିପତି ଗମାଙ୍ଗ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମାଝି, ପଦ୍ମପୁର ସରପଞ୍ଚ ପୁନ୍ୟାବତୀ ମାଣ୍ଡାଙ୍ଗି, ତେମ୍ଭାଗୁଡା ସରପଞ୍ଚ ଚିତ୍ରସେନ ଗମାଙ୍ଗ, ଶବର ସାଂସ୍କୃତିକ ସଭାପତି ଚକ୍ରପାଣି ଶବର, ପୂର୍ବତନ ସରପଞ୍ଚ ସୁଦାମ ମିଶ୍ର, ଏମ୍ପିଙ୍କ ପ୍ରତିନିଧି ରାଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

